

# ଭୁବନେଶ୍ୱର ସିଟି

## ଶ୍ମଶାନ ଜାଗାକୁ ନେଇ ମାର୍‌ପିଟ୍‌; ଜଣେ ଗୁରୁତର

ନନ୍ଦନକାନନ, ୧୧।୬ (ସମିସ)

ନନ୍ଦନକାନନ ଥାନା ନିକଟସ୍ଥ ସରକାରୀ ଜଗାରେ ଥିବା ଏକ ଶ୍ମଶାନ ଜମିକୁ ନେଇ ଗଣ୍ଡଗୋଳ ହେବା ସହ ମରଣାନ୍ତକ ଆକ୍ରମଣ ହୋଇଛି। ଏହି ଘଟଣାରେ ୨ଜଣଯୁବକଗୁରୁତରଆହତହୋଇଥିବା ବେଳେ ଜଣଙ୍କ ମୁହଁରେ ଗଭୀର ଆଘାତ ହୋଇ ରକ୍ତ ଶ୍ରାବ ହୋଇଛି। ଏନେଇ ନନ୍ଦନକାନନ ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ହୋଇଛି। ଉଭୟ ପକ୍ଷରୁ ୨ଜଣ ଆହତ ହୋଇଥିବା ବେଳେ ତଦନ୍ତ ଜାରି ରହିଥିବା ନନ୍ଦନକାନନ ଥାନା ଅଧିକାରୀ ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ଅନୁସାରେ ଦୀର୍ଘବର୍ଷ ଧରି ସାହି ନନ୍ଦନକାନନ ଥାନା ରଘୁନାଥପୁର ଭଗବାନ ସାହିର ଲୋକେ ଏହି ସରକାରୀ ଜମିରେ ଶବଦାହ କରି ଆସୁଛନ୍ତି। ହେଲେ ଏହି ସରକାରୀ ଜମିକୁ ଲାଗି ଗ୍ରାମର ଅନ୍ୟ ଜଣେ ବ୍ୟକ୍ତିଙ୍କ ପ୍ଲଟ ରହିଛି। ଗତକାଲି ରାତିରେ ଉକ୍ତ ଜମି ମାଲିକ ଏକ ଜେସିବି ମେସିନ ସାହାଯ୍ୟରେ ଉକ୍ତ ସରକାରୀ ଜମି ଏବଂ ନିଜ ଜମିକୁ ଖୋଳି ଦେଇଥିଲେ। ଯାହାକୁ ନେଇ ଉତ୍ତେଜନା ଦେଖା ଦେଇଥିଲା। ପରେ ଆଲୋଚନା ହୋଇ ପରିସ୍ଥିତି ଶାନ୍ତ ପଡ଼ିଥିଲା। ବୁଧବାର ସକାଳୁ ଭଗବାନପୁର ସାହିର କିଛି ଯୁବକ ଉକ୍ତ ଶ୍ମଶାନକୁ ସଫା କରୁଥିବା ବେଳେ ଶ୍ମଶାନକୁ ଲାଗି ରହିଥିବା ଜମିର ମାଲିକ ହାତରେ ଏକ ଖଣ୍ଡା ଧରି ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ତାଙ୍କ ପରିବାର ସଦସ୍ୟ ସେଠାରେ ପହଞ୍ଚିବା ପରେ ଉପସ୍ଥିତ ଥିବା ଭଗବାନ ସାହି ଲୋକମାନଙ୍କ ଭିତରେ ଗଣ୍ଡଗୋଳ ଉଗ୍ର ହୋଇଥିଲା। ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ବଡିଆବାଡି ହୋଇଥିଲା। ଏଥିରେ ଉଭୟ ପକ୍ଷରୁ ଆହତ ହୋଇଥିଲା ବେଳେ ଭଗବାନ ସାହିର ଜଣେ ଯୁବକର ମୁହଁ ଫାଟି ଗୁରୁତର ହୋଇଯାଇଥିଲା। ନନ୍ଦନକାନନ ଥାନା ପୋଲିସ ଆହତଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇ ତଦନ୍ତ ଜାରି ରଖିଛି।

## ରାଜପଥ କଡ଼ରେ ମୃତ୍ୟୁର ଫଳକ

ଭୁବନେଶ୍ୱର, ୧୧।୬ (ସମିସ)

ଜାତୀୟ ରାଜପଥ କଡ଼ରେ ବେଆଇନ ହୋର୍ଡିଂ ସଂଖ୍ୟା ଢେର୍ ବୃଦ୍ଧି ପାଇବାରେ ଲାଗିଛି। ରାଜପଥ କଡ଼ରେ ଲାଗୁଥିବା ଏହି ହୋର୍ଡିଂଗୁଡ଼ିକରୁ ବିଜ୍ଞାପନ ସଂସ୍ଥା ଓ ଜମି ମାଲିକ ଟଙ୍କା ରୋଜଗାର କରୁଥିବା ବେଳେ ସାଧାରଣ ଲୋକଙ୍କ ପାଇଁ ଏହା ବିପଦର କାରଣ ପାଲଟିଛି। ବିଭିନ୍ନ ସମୟରେ ବର୍ଷା ପବନରେ ହୋର୍ଡିଂ ଉଡ଼ି ଆସିବା ଯୋଗୁଁ ସଡ଼କ ଦୁର୍ଘଟଣା ଘଟୁଛି। ଯାହା ଅନେକଙ୍କ ମୃତ୍ୟୁର କାରଣ ପାଲଟିଛି।

ଗତ ଶୁକ୍ରବାର ଦ୍ୱିପ୍ରହରରେ ଭୁବନେଶ୍ୱର ଖୋର୍ଦ୍ଧା ୧୬ ନମ୍ବର ଜାତୀୟ ରାଜପଥର ଯାଁଳା ନିକଟରେ ଏମିତି ଏକ ଦୁର୍ଘଟଣା ଘଟିଥିଲା। ଏକ ଡ୍ରାଇଭର୍ ଟ୍ରକ୍ ଖୋର୍ଦ୍ଧାରୁ ଭୁବନେଶ୍ୱର ଆଡ଼କୁ ଆସୁଥିବା ବେଳେ ଯାଁଳା ନିକଟରେ ରାଜପଥ କଡ଼ରେ ଲାଗିଥିବା ଏକ ହୋର୍ଡିଂ ବର୍ଷା ପବନରେ ଉଡ଼ି ଆସି ଟ୍ରକ୍ କାଚରେ ଲାଗିଥିଲା। ଟ୍ରକ୍ ଡ୍ରାଇଭରକୁ କିଛି ଦେଖା ନ ଯିବାରୁ ଡ୍ରାଇଭର ଭାରସାମ୍ୟ ହରାଇଥିଲେ ମଧ୍ୟ ଗାଡ଼ିକୁ ରାସ୍ତା କଡ଼ରେ ଲଗାଇ ହୋର୍ଡିଂ କାଢୁଥିଲେ। ସେହି ସମୟରେ ଖୋର୍ଦ୍ଧାରୁ ଭୁବନେଶ୍ୱର ଆସୁଥିବା ଏକ ସ୍କର୍ପିଓ ଗାଡ଼ି ସ୍କୁଟିକୁ ପଛରୁ ଧକ୍କା ଦେଇଥିଲା। ଫଳରେ ସ୍କୁଟି ଚାଳକ ଜଣକ ସିଧାସଳଖ ଟ୍ରକ ପଛରେ ପିଟି ହୋଇ ମୃତ୍ୟୁବରଣ କରିଥିଲେ।

ଇଏ କେବଳ ଗୋଟିଏ ଘଟଣା ନୁହେଁ ଚଳିତ ମାସ ପହିଲାରେ, ଜଣେ ବାଇକ୍ ଆରୋହୀ ଡିଏନ୍ ରିଗାଲିଆ ଠାରୁ ତମାଣ୍ଡୋ ଆଡ଼କୁ ଯାଉଥିଲେ। ସେ ପାଟଶାଣୀ ହୋଟେଲ ଅତିକ୍ରମ କରୁଥିବା ବେଳେ ଏକ ହୋର୍ଡିଂ ଆସି ତାଙ୍କ ଦେହରେ ଗୁଡ଼େଇ



ହୋଇ ଯାଇଥିଲା। ଫଳରେ ସେ ଗାଡ଼ିରୁ ତଳେ ପଡ଼ି ଆହତ ହୋଇଥିଲେ।

ଭୁବନେଶ୍ୱର ଦେଇ ଜାତୀୟ ଯାଇଥିବା ରାଜପଥର ଦୁଇ ପାର୍ଶ୍ୱରେ ବେଆଇନ ହୋର୍ଡିଂ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଘରୋଇ ଜମି ମାଲିକମାନେ ଜମିକୁ ଭଡ଼ା ସୂତ୍ରରେ ଦେଉଛନ୍ତି। ବିଜ୍ଞାପନ କମ୍ପାନୀ ଜମିକୁ ବାର୍ଷିକ ଭଡ଼ାରେ ନେଇ ଲୁହା ଟାୱାର ନିର୍ମାଣ କରୁଛି। ସେଥିରେ ବିଭିନ୍ନ କମ୍ପାନୀର ବିଜ୍ଞାପନ ପୋଷ୍ଟର ମାରୁଛି। କେବଳ ବେସରକାରୀ ନୁହଁ, କିଛି ଦଲାଲ ରାଜପଥ କଡ଼ରେ ଖାଲି ପଡ଼ିଥିବା ସରକାରୀ ଜମିକୁ କବଜାକୁ ନେଉଛନ୍ତି। ପରବର୍ତ୍ତୀ ସମୟରେ ସେହି ଜମିକୁ ବିଜ୍ଞାପନ କମ୍ପାନୀକୁ ଟେକି ଦେଉଛନ୍ତି। କମ୍ପାନୀ ମଧ୍ୟ ସେଥିରେ ବହୁ ଉଚ୍ଚର ବିଜ୍ଞାପନ ଟାୱାର ଛିଡ଼ା କରୁଛି। ଭୁବନେଶ୍ୱର-ଖୋର୍ଦ୍ଧା ରାସ୍ତାର ଉଭୟ ପାର୍ଶ୍ୱରେ ୫୦୦ରୁ ଅଧିକ ହୋର୍ଡିଂ ଟାୱାର ଛିଡ଼ା ହୋଇଛି।

- **ହୋର୍ଡିଂରେ ଲଗାମ ନାହିଁ; ଜୀବନକୁ ଭରସା ନାହିଁ**
- **କିଏ ଖାଉଛି ପଇସା, କିଏ ଭୋଗୁଛି ଦଣ୍ଡ**

ରାଜପଥ କଡ଼ରେ ନେତା, ବ୍ୟବସାୟିକ ପ୍ରତିଷ୍ଠାନର ପ୍ରଚାର ପାଇଁ ମାଳମାଳ ବ୍ୟାନର ଓ ହୋର୍ଡିଂ ଲଗା ଯାଉଛି। ଛୋଟବଡ଼ ବ୍ୟାନରଗୁଡ଼ିକ ଗାଡ଼ି ଚାଳକଙ୍କ ଲକ୍ଷ୍ୟଭ୍ରଷ୍ଟ କରୁଛି। ରାତିରେ ବ୍ୟାନରର ତୈଳ ଫଟୋ ଚିତ୍ର ଉପରେ ଗାଡ଼ି ଲାଇଟ୍ ପଡ଼ିଲେ ପ୍ରତିଫଳନ ସୃଷ୍ଟି ହେବା ସହିତ ଚାଳକ ମାନଙ୍କୁ ଅସୁବିଧାର ପକାଉଛି। ପ୍ରଶାସନର ନୀରବତାରୁ ଜମି ମାଲିକ ଓ ବିଜ୍ଞାପନ କମ୍ପାନୀମାନେ ଲାଭବାନ ହେଉଥିବା ବେଳେ ଯାତାୟତ କରୁଥିବା ଲୋକମାନଙ୍କ ଜୀବନକୁ ବିପଦଜନକ କରୁଛି।

## ନାରୀ ନ୍ୟାୟବାହିନୀର ଜାତୀୟଆଲୋଚନାଚକ୍ର: ମହିଳା ନିର୍ଯାତନା ନ ରୋକିଲେ ରାଜ୍ୟବ୍ୟାପୀ ଆନ୍ଦୋଳନ

ଭୁବନେଶ୍ୱର, ୧୧।୬(ସମିସ): ସମସ୍ତେ ଲିଙ୍ଗଗତ ବୈଷମ୍ୟ କହୁଛନ୍ତି। ଅଥଚ ନିଜ ଘରେ ମହିଳାମାନେ ପାରିବାରିକ ହିଂସାର ଶିକାର ହେଉଛନ୍ତି। ପ୍ରଥମେ ନିଜଘରେ ମା'ଭଉଣୀଙ୍କଠାରୁ ବାପାଭାଇଙ୍କ ଥିବା ଅଧିକ ଗୁରୁତ୍ୱକୁ ଦୂର କରିବାକୁ ହେବ। ତେବେଯାଇ ପ୍ରକୃତ ମହିଳା ସଶକ୍ତୀକରଣ ସମ୍ଭବ ହେବ ବୋଲି ବୁଧବାର ଓଡେଶା ଭବନର ସମ୍ମେଳନ କକ୍ଷରେ 'ନାରୀ ନ୍ୟାୟ ବାହିନୀ' ପକ୍ଷରୁ ଆୟୋଜିତ ଜାତୀୟ ଆଲୋଚନାଚକ୍ରରେ ମତପ୍ରକାଶ ପାଇଛି। ଦିଲ୍ଲୀ, ବିହାର ଓ ଝାଡ଼ଖଣ୍ଡରୁ ଆସିଥିବା ମହିଳା ଶିକ୍ଷାବିତ, ସାମାଜିକ କର୍ମୀ ଓ ମହିଳା ସଶକ୍ତୀକରଣ କ୍ଷେତ୍ରରେ କାର୍ଯ୍ୟରତ ବହୁ ପ୍ରତିନିଧିଙ୍କ ଦ୍ୱାରା ଦିବସବ୍ୟାପୀ ଦୁଇଟି ଅଧିବେଶନରେ ପ୍ରଦତ୍ତ ଭାଷଣରେ ଲିଙ୍ଗଗତ ବୈଷମ୍ୟ ଓ ମହିଳାଙ୍କ ପ୍ରତି ହିଂସା ସମ୍ପର୍କିତ ବହୁ ତଥ୍ୟ, ପରିସଂଖ୍ୟାନ ଓ ଅଙ୍ଗେନିଭା କାହାଣୀ ବର୍ଣ୍ଣନା ହୋଇଥିଲା। ନାରୀ ଅଧିକାର ଓ ସମାନତାର ବିବିଧ ମାପକାଠିରେ ଆମ ଦେଶ ବିଶେଷକରି ଓଡ଼ିଶା ବହୁତ ପଛୁଆ ଥିବା ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ମହିଳାଙ୍କ ଉପରେ ହେଉଥିବା ହିଂସାକାଣ୍ଡରେ ଆମ ରାଜ୍ୟରେ ଦଣ୍ଡବିଧାନର ହାର ଜାତୀୟ ହାରଠାରୁ ଢେର ତଳେ ଥିବା ପରିତାପର



ବିଷୟ ଓ ଏ ଦିଗରେ ପଦକ୍ଷେପ ନେବାରେ ବିଜେପି ସରକାର ବିଫଳ ହୋଇଛନ୍ତି ବୋଲି ବକ୍ତାମାନେ କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିସିସି ସଭାପତି ଭକ୍ତଚରଣ ଦାସ ଆଗ ଘର ସଜାଡ଼ିଲେ ସମାଜକୁ ସଜାଡ଼ିବା ସହଜ ହେବ ବୋଲି ଆହ୍ୱାନ ଦେଇଥିଲେ। ଏକାଧିକ ପୌରାଣିକ କାହାଣୀର ଉଦାହରଣ ଦେଇ ମହିଳାମାନେ ହିଁ ସମାଜରେ ସତ୍ୟ ପ୍ରତିଷ୍ଠା କରିପାରିବେ ବୋଲି କହିଥିଲେ। ଘରେ କନିଷ୍ଠ ମହିଳାମାନେ, ବୟସ୍କ ପୁରୁଷମାନଙ୍କୁ ସମ୍ମାନ ଜଣାଇବେ, କିନ୍ତୁ ପୁରୁଷମାନେ ଲିଙ୍ଗଗତ ଭେଦଭାବ କଲେ ସେମାନଙ୍କୁ ନମ୍ରତାର ସହ ମା'ଭଉଣୀମାନେ ବିରୋଧ କରିବାକୁ ହେବ। ପ୍ରଥମେ ୧୦୦ ଜଣ ବିପ୍ଳବୀ ମହିଳାଙ୍କୁ ନେଇ ଏକ ଟିମ୍ ଗଠନ ହେବ। ଆଜି ସେଥିରୁ ୨୭ ଜଣଙ୍କ ନାମ ଘୋଷଣା କରାଯାଇଥିଲା। ସମ୍ବଲପୁର, ବଲାଙ୍ଗୀର, ବ୍ରହ୍ମପୁର, ଜୟପୁର ଓ ବାଲେଶ୍ୱରରେ ଅନୁରୂପ ୫ ଗୋଟି ମହିଳା ସମାବେଶରୁ ଅବଶିଷ୍ଟ ମହିଳା ଚୟନ ହେବେ। ପରବର୍ତ୍ତୀ ସମୟରେ ଜିଲ୍ଲାୱାରୀ ଶହେ ଲେଖାଏଁ ବିପ୍ଳବୀ ମହିଳାଙ୍କୁ ପ୍ରଶିକ୍ଷଣ ଦିଆଯିବ ବୋଲି ଶ୍ରୀ ଦାସ ସୂଚନା ଦେଇଥିଲେ। ମୀନାକ୍ଷି ସାକ୍ଷୀଙ୍କ ଆବାହକତ୍ୱରେ ଆୟୋଜିତ ଓ ଝୁନା ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମାବେସରେ ବାରବାଟୀ କଟକ ବିଧାୟିକା ସୋଫିଆ ଫିରଦୋସଙ୍କ ସମେତ ବହୁ ନାରୀ ନେତ୍ରୀ ଯୋଗ ଦେଇ ମତବ୍ୟକ୍ତ କରିଥିଲେ।

## ଝାରପଡ଼ା ଜେଲ୍‌ରେ ଦକ୍ଷତା ବିକାଶ ପ୍ରଶିକ୍ଷଣ

ଭୁବନେଶ୍ୱର, ୧୧।୬ (ସମିସ): ଜେଲରେ ଥିବା ଅନ୍ତେବାସୀଙ୍କୁ ଆତ୍ମନିର୍ଭରଶୀଳ ଓ ରୋଜଗାରକ୍ଷମ କରିବା ଲାଗି ଜେଲ୍ ବିଭାଗ ଗୁରୁତ୍ୱ ଆଉ ପାଦେ ଆଗକୁ ବଢ଼ିଛି। ଜେଲରୁ ମୁକୁଳିବା ପରେ ସେମାନେ ଅପରାଧ ଦୁନିଆରେ ପାଦ ନ ଦେବେ, ସେନେଇ ଗୁରୁତ୍ୱ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ସ୍ଥିତ ଝାରପଡ଼ା ସ୍ୱତନ୍ତ୍ର ଜେଲରେ ଦକ୍ଷତା ବିକାଶ ପ୍ରଶିକ୍ଷଣ ଆରମ୍ଭ ହୋଇଛି। ପ୍ରାୟ ଅଢ଼େଇ ମାସ ଧରି ଚାଲିବାକୁ ଥିବା ଏହି 'ନୂଆ ଓଡ଼ିଶା ସ୍ୱତନ୍ତ୍ର କାର୍ଯ୍ୟକ୍ରମ' ମାଧ୍ୟମରେ ପ୍ରଥମ ପର୍ଯ୍ୟାୟରେ ୩୦ଜଣ ଅନ୍ତେବାସୀଙ୍କୁ ପ୍ରଶିକ୍ଷଣ ଦିଆଯିବ। ଏହି କାର୍ଯ୍ୟକ୍ରମ ଅଧିନରେ ଅନ୍ତେବାସୀଙ୍କୁ ଫ୍ୟାନ୍, ଗ୍ରାଇଣ୍ଡର୍, ଗିଜର, ପାଣିମଟର, କୁଲର, ଏସି, ଇସ୍ତ୍ରି ସହ ଅନ୍ୟ ବୈଦ୍ୟୁତିକ ଉପକରଣ ସଜାଡ଼ିବା ଶିଖୁଛନ୍ତି। ଏହାପରେ ଅଂଶଗ୍ରହଣ କରିଥିବା ଅନ୍ତେବାସୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବା ସହିତ ଜେଲରୁ ମୁକୁଳିବା ପରେ ସେମାନଙ୍କ ଦକ୍ଷତା ଅନୁଯାୟୀ ନିଯୁକ୍ତି ପ୍ରଦାନ କରାଯିବ। ପୁରୁଷ ଅନ୍ତେବାସୀମାନଙ୍କୁ ପ୍ରଶିକ୍ଷଣ



ଦିଆଯିବା ପରେ ମହିଳାମାନଙ୍କୁ ମଧ୍ୟ ସମାନ ପ୍ରଶିକ୍ଷଣ ଦିଆଯିବାକୁ ଯୋଜନା ରହିଛି। ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ବିଭାଗ ପକ୍ଷରୁ ହେଉଥିବା ଏହି କାର୍ଯ୍ୟକ୍ରମ ପ୍ରଥମେ ପୁରୀ ଜେଲ ଓ ଏବେ ଝାରପଡ଼ା ଜେଲରେ ଜାରି ରହିଛି। ଏହି କାର୍ଯ୍ୟକ୍ରମରେ ଝାରପଡ଼ା ଜେଲ୍ ଅଧୀକ୍ଷକ ମନୋରଞ୍ଜନ ପ୍ରତିହାରୀ, ଜେଲର ପ୍ରସନ୍ନ କୁମାର ସାହୁ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଅମ୍ରିତାଙ୍କୁ 'ନୃତ୍ୟ ରତ୍ନ' ଓ ସୌରଭଙ୍କୁ 'ଯୁଗ ଗନ୍ଧର୍ବ' ସମ୍ମାନ

ଭୁବନେଶ୍ୱର, ୧୧।୬(ସମିସ): ଗୁରୁ ପଙ୍କଜ ଚରଣ ଓଡ଼ିଶୀ ପ୍ରତିଷ୍ଠାନ ପକ୍ଷରୁ ଗୁରୁ ପଙ୍କଜ ଚରଣ ଦାସଙ୍କ ୨୨ତମ ତିରୋଧାନ ଦିବସ ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠାନ ପକ୍ଷରୁ ଓଡ଼ିଶୀ ନୃତ୍ୟରେ ବିଶେଷ ଅବଦାନ ରଖିଥିବା ନୃତ୍ୟ ଶିଳ୍ପୀ ଅମ୍ରିତା ଦାସଙ୍କୁ 'ଓଡ଼ିଶୀ ନୃତ୍ୟ ରତ୍ନ ସମ୍ମାନ' ଓ ସୌରଭ ମହାନ୍ତିଙ୍କୁ 'ଯୁଗ ଗନ୍ଧର୍ବ ସମ୍ମାନ'ରେ ସମ୍ମାନିତ କାରାଯାଇଥିଲା। ସମ୍ମାନ ସ୍ୱରୂପ ପ୍ରତ୍ୟେକଙ୍କୁ ୧୦ହଜାର ଟଙ୍କାର ଅର୍ଥରାଶି ସହ ଅଙ୍ଗବସ୍ତ୍ର ଓ ଫଳକ ପ୍ରଦାନ କରାଯାଇଥିଲା। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସନ୍ଧ୍ୟାରେ ଅତିଥି ଭାବେ ପରିଚୟ ଫାଉଣ୍ଡେସନର ନିର୍ଦ୍ଦେଶିକା ରୋଜଲିନ ପାଟଶାଣୀ ମିଶ୍ର, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଓଡ଼ିଶୀ ଗୁରୁ ଆଶିଷ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ଗୁରୁଜୀଙ୍କ ସ୍ମୃତି ଚାରଣ କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ବଟକୃଷ୍ଣ ତ୍ରିପାଠୀ, ନିର୍ଦ୍ଦେଶକ



ଶରତ ଦାସ, ଅଧକ୍ଷା ସୁହାଗ ନଳିନୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସ୍ମିତା ଦାସ ପରିଚାଳନା କରିଥିଲେ।

## ଗୁଣ୍ଡିରାମ ଜେନାଙ୍କୁ ପଦ୍ମଶ୍ରୀ ରାଧାମୋହନ ସ୍ମୃତି ସମ୍ମାନ

ଭୁବନେଶ୍ୱର, ୧୧।୬(ସମିସ): ଚତୁର୍ଥ ପଦ୍ମଶ୍ରୀ ରାଧାମୋହନ ମେମୋରିଆଲ କାର୍ଯ୍ୟକ୍ରମ ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ଜଳପୁରୁଷ ଡ. ରାଜେନ୍ଦ୍ର ସିଂହ, ସମ୍ମାନୀତ ଅତିଥି ଭାବେ ପୂର୍ବତନ ଆଇ.ଏଫ୍.ଏସ. ଡ. ଅଜିତ ପଟ୍ଟନାୟକ ଏବଂ ସାମାଜିକ ସଂଗଠନ, ପରିବେଶବିତ, ଜୈବିକ କୃଷି ବିଶେଷଜ୍ଞ, ଶିକ୍ଷାବିତ ତଥା ସ୍ୱଚ୍ଛାସେବୀ ପ୍ରମୁଖ ଯୋଗ ଦେଇଥିଲେ। ଲକ୍ଷ୍ୟରୁ ଅଧିକ ବୃକ୍ଷ ରୋପଣ କରିଥିବା ପରିବେଶ କର୍ମୀ ଗୁଣ୍ଡିରାମ ଜେନାଙ୍କୁ ପଦ୍ମଶ୍ରୀ ରାଧାମୋହନ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଜଣେ ଦିନ ମଜୁରିଆ ହୋଇ ନିଜର ମଜୁରି ପଇସାରୁ ବଞ୍ଚାଇ ବିଗତ ୪୦ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ବୃକ୍ଷରୋପଣ କରି ଗଛମଣିଷ ଭାବେ ପରିଚିତ ହୋଇଛନ୍ତି। ସଭା ପ୍ରାରମ୍ଭରେ ସ୍ୱର୍ଗତଃ ରାଧା ମୋହନଙ୍କ ଝିଅ ଡଃ ବିଶ୍ୱଭାରତୀ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଏହି ଅବସରରେ 'କପିଳାସ କାଜୁ ବଗିଚା' ବୃତ୍ତି ଚିତ୍ର ପ୍ରଦର୍ଶନ କରାଯାଇଥିଲା। ସଭା କାର୍ଯ୍ୟ ଶେଷରେ ଯୁବ ସମାଜ ସେବୀ ଡ. ମହମ୍ମଦ ଇମ୍ରାନ



ଅଲି ସାରା ଓଡ଼ିଶା ବ୍ୟାପୀ ରାଧାମୋହନଙ୍କ ସ୍ମୃତିରେ ସବୁଜ ଶ୍ରଦ୍ଧାଞ୍ଜଳି ସ୍ୱରୂପ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ଆରମ୍ଭ ହେଇଥିବା କଥା ସୂଚନା ଦେଇଥିଲେ। ଡ. ଶ୍ରଦ୍ଧା ସତପର୍ବା ମଞ୍ଚ ପରିଚାଳନା କରିଥିଲା ବେଳେ ଡ. ମହମ୍ମଦ ଇମ୍ରାନ ଅଲି ଧନ୍ୟବାଦ ଦେଇଥିଲେ।

## ମିଳୁନି ମନୋଜ ଦାସ ସ୍ମାରକୀ ସମ୍ମାନ

**ନଭେମ୍ବରରେ ସ୍ମୃତି ସମାରୋହ**

ଭୁବନେଶ୍ୱର, ୧୧।୬(ସମିସ): ପ୍ରଖ୍ୟାତ ସାହିତ୍ୟିକ ତଥା ପ୍ରଥିତଯଶା କଥାକାର ସ୍ୱର୍ଗତ ମନୋଜ ଦାସଙ୍କ ଉଦ୍ଦେଶ୍ୟରେ ମନୋଜ ଦାସ ସ୍ମାରକୀ ସମ୍ମାନ କେବଳ ଘୋଷଣାରେ ସୀମିତ ରହିଛି। ଏପର୍ଯ୍ୟନ୍ତ କାହାକୁ ଏହି ସମ୍ମାନ ମିଳିପାରିନି। ଯାହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ମନୋଜ ଦାସ ସ୍ମୃତି ସଂସଦର କର୍ମକର୍ତ୍ତା। ଏନେଇ ରାଜ୍ୟ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହିତ ଆଲୋଚନା କରାଯିବ ବୋଲି ସଂସଦ ପକ୍ଷରୁ ବୁଧବାର ସଂସଦର ସଭାପତି ଅଧ୍ୟାପକ ବିଶ୍ୱରଞ୍ଜନଙ୍କ ଅଧ୍ୟକ୍ଷତାରେ ଆ।।ୟୋଜିତ ବୈଠକରେ ସୂଚନା ଦିଆଯାଇଛି। ଆସନ୍ତା ନଭେମ୍ବରରେ ମନୋଜ ଦାସ ସ୍ମୃତି ସମାରୋହ ଆୟୋଜନ ହେବ ଏବଂ ଏହି ଅବସରରେ ସ୍ମାରକୀ ବକ୍ତୃତା ଓ କର୍ମଶାଳା ହେବ ବୋଲି ବିଧାୟକ ତଥା ସଂସଦର ସାଧାରଣ ସମ୍ପାଦକ ଗୌତମବୁଦ୍ଧ ଦାସ କହିଛନ୍ତି।

## କଲ୍ୟାଣପୁର ସ୍ୱସ୍ତିବନରେ ଝୁଲୁଛି ୪୦୦ ଦୋଳି




ନନ୍ଦନକାନନ, ୧୧।୬ (ସମିସ): ଭୁବନେଶ୍ୱର ରଜ ମହୋତ୍ସବ କମିଟି ପକ୍ଷରୁ ଉତ୍ତର ଭୁବନେଶ୍ୱର କଲ୍ୟାଣପୁର ସ୍ୱସ୍ତିବନରେ ୪ ଶହ ଦୋଳି ଲାଗିଲାଣି। ଚଳିତ ବର୍ଷ ମୁଖ୍ୟ ଆକର୍ଷଣରେ ମହିଳା କବାଡି ଖେଳ ସହ ଲବ୍ଧ ପ୍ରତିଷ୍ଠିତ କଳାକାର ମାନଙ୍କ ଦ୍ୱାରା ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ରହିଥିବା କମିଟି କହିଛି। ରଜ ରାଣୀ ପ୍ରତିଯୋଗିତା ସହ କିଶୋରୀ ବାଳିକା ଓ ମହିଳାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିପରି ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁ ଲବ୍ଧ ପ୍ରତିଷ୍ଠିତ ସାଂସ୍କୃତିକ ଅନୁଷ୍ଠାନମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେବେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ମହିଳାମାନଙ୍କୁ ସମ୍ମାନିତ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଚାରିଦିନ ଧରି ଭୁବନେଶ୍ୱର ରଜ ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଏଥିରେ ନୃତ୍ୟ, ଗୀତ, ଝୋଟି, ପୁଞ୍ଜି, ରଙ୍ଗୋଲି, ମୁରୁଜ, ଶଙ୍ଖ, ହୁଳହୁଳି, ଦୌଡି ଡିଆଁ, ପୁରୁଷମାନଙ୍କ ପାଇଁ ପୁରୁଷ ପ୍ରଧାନ ଖେଳ ସହ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବୁଧବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସମିତିର ସୁବାସ ଚନ୍ଦ୍ର ପାତ୍ର, ବସନ୍ତ ସ୍ୱାଇଁ, ଜ୍ଞାନରଞ୍ଜନ ରାଉତ, କଲ୍ୟାଣପୁର ସମିତି ସଭ୍ୟ ଭୁବନମୋହନ ଦାସ, ବସନ୍ତ ରଥ, ରାଜେନ୍ଦ୍ର ସ୍ୱାଇଁ, ନୃସିଂହ ଚରଣ ଖାଡେଙ୍ଗା, ସୁକାନ୍ତ ପରିଡ଼ା, ନିର୍ମଳ ରାଉତ, ସନ୍ତୋଷ ନାଥ, ବିକ୍ରମ ସ୍ୱାଇଁ, ଗୋପିନାଥ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

### ଆଜି ଆନ୍ତର୍ଜାତିକ ଶିଶୁ ଶ୍ରମିକ ନିରୋଧ ଦିବସ

## ସ୍କୁଲ୍‌ରେ ଗଢ଼ୁଛି ନାଁ; ଭାଟିରେ ଖଟୁଛି ଶିଶୁ

ଭୁବନେଶ୍ୱର, ୧୧।୬(ସମିସ)

ଗରିବ ପିଲାମାନଙ୍କୁ ଶିକ୍ଷିତ କରିବା ସହ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ସରକାର ଅନେକ ଯୋଜନା କରିଛନ୍ତି। ପିଲାମାନଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବାକୁ ସରକାରୀ ବିଦ୍ୟାଳୟଗୁଡ଼ିକରେ ମାଗଣାରେ ୟୁନିଫର୍ମ, ପାଠ୍ୟ ଉପକରଣ ସାଙ୍ଗକୁ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ପୁଷ୍ଟିକର ଖାଦ୍ୟ ମଧ୍ୟ ଯୋଗାଇ ଦେଉଛନ୍ତି। କିନ୍ତୁ ଏସବୁ ପରେ ମଧ୍ୟ ପାଠ ପଢ଼ିବା ବଦଳରେ ବିଭିନ୍ନ କ୍ଷେତ୍ରରେ ଶ୍ରମିକ ପାଲଟୁଛନ୍ତି ହଜାର ହଜାର ଶିଶୁ। ବିଦ୍ୟାଳୟରେ ନାଁ ଗଢ଼ୁଥିବା ବେଳେ ଇଟାଭାଟି ଠାରୁ ଆରମ୍ଭ କରି ଖଣିଖାଦନ, ହୋଟେଲ, ବଡ଼ବଡ଼ିଆଙ୍କ ଘରେ କାମ କରୁଛନ୍ତି ଶିଶୁ। ଶିଶୁର ବଞ୍ଚିବାର ଅଧିକାର, ଶିକ୍ଷା ଅଧିକାର ଓ ନିଜର ମତାମତ ପ୍ରକାଶ କରିବାର ଅଧିକାର, ନିରାପତ୍ତା ଅଧିକାର ଉପରେ ଗୁରୁତ୍ୱ ଦେବା ସହ ତାକୁ ଏକ ଉତ୍ତମ ନାଗରିକ ରୂପେ ଗଢ଼ି ତୋଳିବା, ଶିଶୁ ଶ୍ରମିକଙ୍କ ଉପରେ ହେଉଥିବା ନିର୍ଯାତନା ବିରୋଧରେ ସଚେତନତା ସୃଷ୍ଟି କରିବାକୁ ପ୍ରତିବର୍ଷ ଜୁନ୍ ୧୨ ତାରିଖକୁ ଆନ୍ତର୍ଜାତିକ ଶିଶୁ ଶ୍ରମିକ ନିରୋଧ ଦିବସ ପାଳନ କରାଯାଉଛି।

୨୦୧୧ ପରେ ଜନଗଣନା ହୋଇନଥିବା ବେଳେ ଜାତିସଂଘ ସର୍ଭେ ଅନୁସାରେ, ସମଗ୍ର ବିଶ୍ୱରେ ୧୫.୨ କୋଟି ଶିଶୁ ଶ୍ରମିକଙ୍କ ମଧ୍ୟରୁ ୭.୨ କୋଟି ଅତି କଠିନ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଭାରତବର୍ଷରେ ପ୍ରାୟ ୧୨ ନିୟୁତ ଶିଶୁ ଶ୍ରମିକ ବିଭିନ୍ନ ସ୍ଥାନରେ କାମ କରୁଥିବା ବେଳେ ଓଡ଼ିଶା ମଧ୍ୟ ପଛରେ ପଡ଼ିନି। ୨୦୦୭ରେ ଶ୍ରମ



ବିଭାଗ ପକ୍ଷରୁ ୧୮ ଜିଲ୍ଲାରେ ୪ ଲକ୍ଷ ୩୯ ୯ ଶିଶୁ ଶ୍ରମିକ ଚିହ୍ନଟ କରାଯାଇଥିବା ବେଳେ ୨୦୦୭ ରୁ ୨୦୧୩ ମଧ୍ୟରେ ରାଜ୍ୟରେ ମାତ୍ର ୮୩୫ ଶିଶୁ ଶ୍ରମିକଙ୍କୁ କାର୍ଯ୍ୟକ୍ଷେତ୍ରରୁ ଉଦ୍ଧାର କରାଯାଇଥିଲା। ୨୦୧୪ରେ ୧୫୭ ଓ ୨୦୧୫ ଅକ୍ଟୋବର ସୁଦ୍ଧା ୨୧୯ଜଣଙ୍କୁ କାର୍ଯ୍ୟକ୍ଷେତ୍ରରୁ ଉଦ୍ଧାର କରାଯାଇଛି। କୃଷି କ୍ଷେତ୍ର ହେଉ ଅବା ହୋଟେଲ, ମାଛ ଚାଷ, ଢ଼ାବା ଆଦିରେ ହଜାର ହଜାର ଶିଶୁ ଶ୍ରମିକ ଭାବେ କାମ କରୁଛନ୍ତି। କିନ୍ତୁ ଏମାନଙ୍କ ନାଁ କେବଳ ସ୍କୁଲ ଉପସ୍ଥାନରେ ରହିଥିବା ବେଳେ ଏମାନେ ଶ୍ରମିକ ଭାବେ ବିଭିନ୍ନ କ୍ଷେତ୍ରରେ କାମ କରୁଛନ୍ତି। ୨୦୨୩-୨୪ ବର୍ଷରେ ଖୋର୍ଦ୍ଧା, ପୁରୀ ଏବଂ ନୟାଗଡ଼ ଜିଲ୍ଲାରୁ ପ୍ରାୟ ଏଭଳି ୧୫୦ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିବା ବେଳେ ୨୦୨୪-୨୫ରେ

- **ବର୍ଷକରେ ୪ ଜିଲ୍ଲାରୁ ମାତ୍ର ୩୦୦ ଶିଶୁ ଶ୍ରମିକ ଉଦ୍ଧାର**
- **ପାଳନ ହେଉନି 'ଶିଶୁ ଶ୍ରମିକ ନିରୋଧ ଆଇନ-୨୦୧୬'**

ଖୋର୍ଦ୍ଧା, ପୁରୀ, ଯାଜପୁର ଏବଂ ଜଗତସିଂହପୁରରୁ ମୋଟ୍ ୩୧୯ ଜଣଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରେ ଚାଇଲ୍ଡ ଟ୍ରାଫିକିଙ୍ଗ୍ ଆଇନ ଅନୁଯାୟୀ ୩୭୦ ଧାରା ମଧ୍ୟ ଲାଗୁ କରାଯାଇଛି। ପ୍ରତିବର୍ଷ ଏଭଳି ଘଟଣା ସାମ୍ନାକୁ ଆସୁଥିବା ବେଳେ ଏଥିପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା କୁହାଯାଉଛି। ଏନେଇ ଶିଶୁ ଅଧିକାର କର୍ମୀ ବେଣୁଧର ସେନାପତି କହିଛନ୍ତି ଯେ, ଚାଇଲ୍ଡ ଲେବର ପ୍ରୋହିବିସନ୍ ଆକ୍ଟ-୨୦୧୬ କଡ଼ାକଡ଼ି ଭାବେ ଲାଗୁ କରା ନ ଯିବାରୁ ଶିଶୁ ଶ୍ରମିକଙ୍କ ସଂଖ୍ୟା ବୃଦ୍ଧି ପାଉଛି। ସେହିପରି ଶିଶୁ ଚାଲାଣ କ୍ଷେତ୍ରରେ ମଧ୍ୟ ୩୭୦ ଧାରାରେ କେସ୍ କରାଯାଇପାରିବ। ଉକ୍ତ କେସ୍ ଗୁଡ଼ିକ ତଦାରଖ କରିବା ପାଇଁ ସରକାରଙ୍କ ପକ୍ଷରୁ ପ୍ରତି ଜିଲ୍ଲାରେ ଆଣ୍ଟି ହ୍ୟୁମାନ୍ ଟ୍ରାଫିକିଙ୍ଗ୍ ସେଲ୍‌ଫ ଗଠନ ହୋଇ ମଧ୍ୟ ଏହା ସଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ। ତେଣୁ ପଞ୍ଚାୟତ, ବ୍ଲକ ଏବଂ ଜିଲ୍ଲାସ୍ତରରୁ ପ୍ରତି ଶିଶୁଙ୍କ ସଂଖ୍ୟା ଗଣନା କରାଯିବା ସହ ସେମାନେ ପାଠ ପଢୁଥିବା ଉକ୍ତ ବିଦ୍ୟାଳୟରୁ ସୂଚନା ସଂଗ୍ରହ କରାଯିବା ଉଚିତ୍। ବିଭିନ୍ନ ଗୋଷ୍ଠୀ ଗୁଡ଼ିକ ବିଭିନ୍ନ ସ୍ଥାନରୁ ଶିଶୁମାନଙ୍କୁ ଚାଲାଣ କରି ମେଳା କାରଣ ମହୋତ୍ସବରେ ଶ୍ରମ କ୍ଷେତ୍ର ଏବଂ ଅପରାଧ କ୍ଷେତ୍ରରେ ନିୟୋଜିତ କରାଉଛନ୍ତି। ଏଦିଗରେ ମଧ୍ୟ ପଦକ୍ଷେପ ନିଆଯିବା ଉଚିତ୍। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଶ୍ରମ ବିଭାଗ, ଚାଇଲ୍ଡ ପ୍ରୋଟେକ୍ସନ୍ ସିଷ୍ଟମ୍, ଶିକ୍ଷା ବିଭାଗ ମଧ୍ୟରେ ସମନ୍ୱୟ ରହି କାର୍ଯ୍ୟାନୁଷ୍ଠାନ ନିଆଗଲେ ଦେଶରୁ ଶିଶୁ ଶ୍ରମକି ଏବଂ ଶିଶୁ ଚାଲାଣ ହଟିବ। କାରଣ ଶହଶହ ହୋଟେଲ ଓ ଢ଼ାବା ସମେତ ବିଭିନ୍ନ ଲୋକଙ୍କ ଘରେ ଶିଶୁଶ୍ରମିକଙ୍କୁ ମାଲିକମାନେ ନିୟୋଜିତ କରିବାକୁ ବାରଣ କରିବା ସହ ଲୋକମାନଙ୍କ ମାନସିକତା ପରିବର୍ତ୍ତନ ଆବଶ୍ୟକ ବୋଲି ଶ୍ରୀ ସେନାପତି କହିଛନ୍ତି।



# ଡେଉଁଛି ଡେଙ୍ଗୁ | ରୋଗୀଙ୍କ ସଂଖ୍ୟା ୨୩ ଟପିଲା

ଭୁବନେଶ୍ୱର, ୧୧।୬(ସମିସ)

ରାଜଧାନୀରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ଧୀରେ ଧୀରେ ବଢ଼ିବାରେ ଲାଗିଛି। ଗତ ସପ୍ତାହରେ ଏହି ରୋଗୀଙ୍କ ସଂଖ୍ୟା ୧୭ ଥିଲା ବେଳେ ଚଳିତ ସପ୍ତାହରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ୨୩ ରେ ପହଞ୍ଚିଛି। ଗୋଟିଏ ସପ୍ତାହ ମଧ୍ୟରେ ସହରରେ ୫ଜଣ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା

- ଏଥର ତେଲ ନୁହେଁ, ପାଉଡ଼ର ସିଞ୍ଚନ ହେବ
- ଛଡ଼ାଯିବ ଗମ୍ବୁସିଆ ମାଛ, ବୁଲିବ ଧୂଆଁ ଗାଡ଼ି

ବୃଦ୍ଧି ପାଇବା ବିଏମ୍‌ସି ଏବଂ ସ୍ୱାସ୍ଥ୍ୟ ବିଭାଗ ପାଇଁ ଚିନ୍ତାର କାରଣ ପାଲଟିଛି।

ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଏଣୁ ବିଏମ୍‌ସିର ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ପ୍ରକାଶ କରିଛି। ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଟାୟାର ଲିଫ୍ଟିଂ, ବ୍ରସ୍ କଟିଂ, ଘର ଘର ବୁଲି ସଚେତନତା ଠାରୁ ଆରମ୍ଭ କରି ସିଞ୍ଚନ, ଡାକ୍ତରଖାନାକୁ ସୁଦୃଢ଼ କରାଯାଇଛି ବୋଲି ବିଏମ୍‌ସିର ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଦୀପକ ବିଶୋଇ କହିଛନ୍ତି। ଅନ୍ୟପକ୍ଷରେ ବିଏମ୍‌ସି ଚଳିତବର୍ଷ ସିଞ୍ଚନ ପ୍ରକ୍ରିୟାରେ ପରିବର୍ତ୍ତନ କରିଛି। ମଶା ତେଲ ସିଞ୍ଚନ କରିବା ବଦଳରେ ପାଉଡର ସିଞ୍ଚନ କରାଯିବ। ଡାଇଫ୍ଲୁବେଞ୍ଜରୋନ୍ ନାମକ କେମିକାଲ୍ ପାଉଡର ସିଞ୍ଚନ କରାଯିବ। ଏହାଦ୍ୱାରା କେବଳ ମଶା ନୁହେଁ ବରଂ କିଟପତଙ୍ଗଙ୍କୁ ମଧ୍ୟ ନିୟନ୍ତ୍ରଣ କରାଯାଇ ପାରିବ ବୋଲି ଶ୍ରୀ ବିଶୋଇ କହିଛନ୍ତି। ସିଞ୍ଚନ ପ୍ରକ୍ରିୟାରେ ୨୨୦ଜଣଙ୍କୁ କାର୍ଯ୍ୟରେ ଲଗାଯିବ। ଏହାସହ ଏହି କାର୍ଯ୍ୟକୁ ପରିଚାଳନା ପାଇଁ ୨୫ଜଣ ସୁପରଭାଇଜରଙ୍କୁ ନିଯୁକ୍ତି ଦିଆଯାଇଛି। ରାଜଧାନୀରେ ୨ଟ୍ରାକ୍ଟର ମାଉଣ୍ଟେଡ୍ ମେସିନ୍ ସହ ୨୦ଅଟୋ ମାଉଣ୍ଟେଡ୍ ମେସିନ୍‌କୁ ଧୂଆଁ ଦେବା କାର୍ଯ୍ୟରେ ଲଗାଯାଇଛି।



ସେହିପରି ସହରରେ ଟାୟାର ଲିଫ୍ଟିଂକୁ ନେଇ ମଧ୍ୟ ୨ଟି ଗାଡ଼ି ବୁଲୁଛି। ଏହି ଗାଡ଼ି ବିଭିନ୍ନ ସ୍ଥାନରୁ ଟାୟାର ସଂଗ୍ରହ କରୁଛି। ହେଲେ ଚଳିତବର୍ଷ ଲୋକେ ସଚେତନ ଥିବାରୁ ସେତେଟା ଟାୟାର ସଂଗ୍ରହ ହୋଇପାରି ନାହିଁ ବୋଲି ଶ୍ରୀ ବିଶୋଇ କହିଛନ୍ତି। ଅନ୍ୟପକ୍ଷରେ ଚୋକ୍ ଡ୍ରେନ୍‌ରେ ମଶା ବଂଶ ବୃଦ୍ଧିର ଆଶଙ୍କା ଅଧିକ ରହିଥାଏ। ଏହାକୁ ଦୃଷ୍ଟିରେ ରଖି ଏହି ଡ୍ରେନ୍‌ଗୁଡ଼ିକରେ ଗମ୍ବୁସିଆ ମାଛ ଛଡ଼ାଯାଇଥିଲା। ତେବେ ପୂର୍ବରୁ ଛଡ଼ାଯାଇଥିବା ଗମ୍ବୁସିଆ ମାଛ ଆଉ ନାହାନ୍ତି। ତେଣୁ ବର୍ଷା ସମାନ୍ୟ କମିବା ପରେ ଏହି ମାଛ ଛଡାଯିବ। ରାଜ୍ୟର ବିଭିନ୍ନ ସ୍ଥାନରୁ ଗମ୍ବୁସିଆ ମାଛ ଆଣି ଏହି ଡ୍ରେନ୍ ଗୁଡ଼ିକରେ ଛଡ଼ାଯିବ। ସେହିପରି ବିଏମ୍‌ସି ଦ୍ୱାରା ଏଥର ସଚେତନତାକୁ ବିଶେଷ ଭାବେ ଗୁରୁତ୍ୱ ଦିଆଯିବ। ବିଭିନ୍ନ ବର୍ଗର ଲୋକେ ଡେଙ୍ଗୁ ସଚେତନତା ର୍‌ୟାଲିରେ ଯୋଗଦେବେ। ବହୁ ସଂଖ୍ୟାରେ ସ୍ୱାସ୍ଥ୍ୟ କର୍ମୀ ଘର ଘର ବୁଲି ସଚେତନ କରିବେ।

### ମଶାବଂଶ ନିୟନ୍ତ୍ରଣରେ ଡ୍ରୋନ୍ ଫେଲ୍

କିଛିଦିନ ତଳେ ମଶା ବଂଶ ବୃଦ୍ଧିକୁ ନେଇ ଡ୍ରୋନ୍ ବ୍ୟବହାର କରାଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଥିଲା। ଏନେଇ ପରୀକ୍ଷାମୂଳକ ପ୍ରୟୋଗ କରାଯାଇଥିଲା। ମଶା ବଂଶକୁ କମାଇବାରେ ଡ୍ରୋନ୍ ବିଫଳ ହୋଇଛି। ବିଏମ୍‌ସିକୁ କୌଣସି ସାମାନ୍ୟତମ ସଫଳତା ବି ମିଳି ନାହିଁ। ଏହାସହ ଡ୍ରେନ୍ ବ୍ୟବହାର ଯୋଗୁଁ ବିଏମ୍‌ସିର ସମସ୍ୟା ବଢ଼ିଯାଇଛି। ଔଷଧକୁ ଠିକ୍ ଭାବେ ସିଞ୍ଚନ କରାଯାଇ ପାରୁନାହିଁ। ଏୟାରପୋର୍ଟ ସହର ମଧ୍ୟରେ ଥିବାରୁ ଡ୍ରେନ୍ ଉଡ଼ାଇଲେ ଏହା ରେଡ୍ ଜୋନ୍ ଭିତରକୁ ଚାଲିଯାଉଛି। ଏଣୁ ବିଏମ୍‌ସି ଡ୍ରେନ୍ ବ୍ୟବହାର କରିବ ନାହିଁ ବୋଲି ଶ୍ରୀ ବିଶୋଇ କହିଛନ୍ତି।

## ନକଲି ଆକାଉଣ୍ଟ ଅସଲି ଠକେଇ
# ୪୧ ଲକ୍ଷ ହଡ଼ପ କରି କର୍ମଚାରୀ ଗିରଫ

ଭୁବନେଶ୍ୱର, ୧୧।୬ (ସମିସ): କମ୍ପାନୀ ନାଁରେ ନକଲି ଆକାଉଣ୍ଟ କରି ୪୧ ଲକ୍ଷ ଟଙ୍କା ହଡ଼ପ କରିଥିବା କର୍ମଚାରୀକୁ ଗିରଫ କରିଛି ଶ୍ରୀ ଲିଙ୍ଗରାଜ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସହିଦନଗରରେ ରହୁଥିବା ବୈଦ୍ୟନାଥପୁର ଥାନା ଗଜପତି ନଗରର ଗୌରୀଶଙ୍କର ସ୍ୱାଇଁ (୫୫)।



ପୁଲିସ ସୂଚନା ମୁତାବକ, ଅଶୋକ କୁମାର ସାମଲ ଜେନିସିସ୍ ଇନ୍‌ଫୋଟେକର ନାମରେ ଏକ କମ୍ପାନୀ କରିଥିବା ବେଳେ ଗୌରୀଶଙ୍କର ସେଠାରେ ତିନି ବର୍ଷ କାମ କରୁଥିଲା। ଗୌରୀଶଙ୍କର ଏହାର ସୁଯୋଗ ନେଇ ମାଲିକଙ୍କ ଅଜାଣତରେ ତାଙ୍କ ଫାର୍ମ ନାମରେ ଏକ ବ୍ୟାଙ୍କ ଆକାଉଣ୍ଟ ଖୋଲିଥିଲା। ଉକ୍ତ ନକଲି କମ୍ପାନୀ ଆକାଉଣ୍ଟକୁ ପେମେଣ୍ଟ ପଠାଇବାକୁ କ୍ଲାଏଣ୍ଟମାନଙ୍କୁ କହିଥିଲା। ଜାଲ ଡକ୍ୟୁମେଣ୍ଟ ପ୍ରସ୍ତୁତ କରିବା ସହିତ ଯୋଗାଯୋଗ ପାଇଁ ପାଇଁ ଜାଲ ଇ-ମେଲ୍ ମଧ୍ୟ ତିଆରି କରିଥିଲା। ଜିଏମ୍‌ଆର୍ କମଳାଙ୍ଗ ଏନର୍ଜି ଲିମିଟେଡ୍, ଜିଏମ୍‌ଆର୍ ୱାରୋରା ଲିମିଟେଡ୍, ଜିଏମ୍‌ଆର୍ ହାଇଦରାବାଦ ଇଣ୍ଟରନ୍ୟାସନାଲ୍ ଏୟାରପୋର୍ଟ ଲିମିଟେଡ୍, ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ, ଓଡ଼ିଶା ମାଇନିଂ କର୍ପୋରେସନ୍ ଲିମିଟେଡ୍, ଓଏସ୍‌ବିସି ଭଳି ଅନେକ କ୍ଲାଏଣ୍ଟଙ୍କ ପାଖରେ ନକଲି ବିଲ୍ ଦାଖଲ କରିଥିଲା। ଗୌରୀଶଙ୍କର ଏହିଭଳି ଭାବେ ସମୁଦାୟ ୪୧ ଲକ୍ଷ ୩୧ ହଜାର ୪୬୦ ଟଙ୍କା ହଡ଼ପ କରି ନେଇଥିଲା। ଅଶୋକ ଏ ସମ୍ପର୍କରେ ଶ୍ରୀ ଲିଙ୍ଗରାଜ ଥାନାରେ ଅଭିଯୋଗ କରିବା ପରେ ମାମଲା ରୁଜୁ ହୋଇଥିଲା। ଆଜି ପୁଲିସ ଗୌରୀଶଙ୍କରକୁ ଗିରଫ କରିବା ସହିତ ତା' ଠାରୁ ଦୁଇଟି ସିମ୍ କାର୍ଡ, ଗୋଟିଏ ଡେଲ୍ ଲାପଟପ୍ ଓ ଗୋଟିଏ ମୋବାଇଲ୍ ଫୋନ୍ ଜବତ କରିଥିଲା। ଅଭିଯୁକ୍ତ ନକଲି ଡକ୍ୟୁମେଣ୍ଟ ଓ ଇଲେକ୍‌ଟ୍ରୋନିକ୍ ରେକର୍ଡକୁ ପ୍ରକୃତ ବୋଲି ବ୍ୟବହାର କରି ଟଙ୍କା ହଡ଼ପ କରିଥିବା ତଦନ୍ତ ବେଳେ ସ୍ପଷ୍ଟ ହୋଇଥିଲା।

# ମାତିଲେ ଲୁଟେରା; ଝାମ୍ପିନେଲେ ସୁନା ଚେନ୍

ଭୁବନେଶ୍ୱର, ୧୧।୬ (ସମିସ): କିଛିଦିନର ବ୍ୟବଧାନ ପରେ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ମାତିଲେ ଲୁଟେରା। ଗୋଟିଏ ଦିନରେ ଦୁଇ ଜଣ ମହିଳାଙ୍କ ଠାରୁ ସୁନା ଚେନ ଲୁଟି ନେଇଛନ୍ତି।

ଅଭିଯୋଗ ଅନୁଯାୟୀ, ଚନ୍ଦ୍ରଶେଖରପୁର ହାଉସିଂ ବୋର୍ଡ କଲୋନୀର ପ୍ରତିମା ମଲ୍ଲିକ ଗତକାଲି ସନ୍ଧ୍ୟାରେ ତାଙ୍କ ପୁଅର ୟୁନିଫର୍ମ ଆଣିବାକୁ ଡିଷ୍ଟ୍ରିକ ସେଣ୍ଟରକୁ ଯାଉଥିଲେ। ସେହି ସମୟରେ ଜଣେ ଦୁର୍ବୃତ୍ତ ଏକ ବାଇକରେ ଆସି ତାଙ୍କ ସୁନା ଚେନ ଛଡ଼ାଇ ନେଇଥିଲା। କେବଳ ସୁନା ଚେନ୍ ନୁହଁ, ଓଢ଼ଣୀ ମଧ୍ୟ ଝାମ୍ପି ନେଇଥିଲା। ଏନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ପ୍ରାୟ ୧୪ ଗ୍ରାମ ଓଜନର ସୁନା ଚେନ ଲୁଟ୍ ହୋଇଥିବା ଅଭିଯୋଗରେ ଦର୍ଶାଇଛନ୍ତି।

ସେହିପରି ଜୟସ୍ମିତା ଜେନା ଖରା ଛୁଟି କଟାଇବା ପାଇଁ ଚନ୍ଦ୍ରଶେଖରପୁର ପ୍ରାଚୀ ବିହାର ସ୍ଥିତ ବାପ ଘରକୁ ଆସିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ସେ ସାକ୍ଷ୍ୟ କନଭେନସନ୍ ନିକଟସ୍ଥ ବଡ଼ ଭଉଣୀଙ୍କ ଘରକୁ ଯାଉଥିଲେ। ସେହି ସମୟରେ ଦୁଇ ଜଣ ଦୁର୍ବୃତ୍ତ ଏକ ବାଇକ୍ ଆସି ତାଙ୍କ ବେକରୁ ସୁନା ଚେନ ଛଡ଼ାଇ ନେଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ଦୁଇ ଜଣଙ୍କ ଅଭିଯୋଗ ଆଧାରରେ ଚନ୍ଦ୍ରଶେଖରପୁର ଥାନା ପୁଲିସ ଦୁଇଟି ପୃଥକ ମାମଲା ରୁଜୁ କରିଛି। ଘଟଣାସ୍ଥଳ ଓ ଆଖପାଖରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜ ଯାଞ୍ଚ କରିଥିଲେ ମଧ୍ୟ ଲୁଟେରାଙ୍କ ଟେର ପାଇ ପାରିନାହିଁ।

## ● ସ୍ମାର୍ଟ ସିଟିରେ କେବେ ମିଳିବ ୱାଇଫାଇ ସେବା ?
# ୭ ବର୍ଷର ଯୋଜନା; ୭ ମାସ ବି ମିଳିନି

ଭୁବନେଶ୍ୱର, ୧୧।୬(ସମିସ): ୭ ବର୍ଷ ତଳୁ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ କର୍ତ୍ତୃପକ୍ଷ ରାଜଧାନୀରେ ୱାଇଫାଇ ସେବା ଆରମ୍ଭ କରିଥିଲେ। ସେତେବେଳେ କୁହାଗଲା ପୂରା ଭୁବନେଶ୍ୱରରେ ଲୋକଙ୍କୁ ମାଗଣାରେ ୱାଇଫାଇ ମିଳିବ। ମାଗଣାରେ ବି ପ୍ରତିଦିନ ୩୦ମିନିଟ ପର୍ଯ୍ୟନ୍ତ ୱାଇଫାଇ ସେବା ମିଳିଲା। ଭୁବନେଶ୍ୱର ମି' ୱାଇଫାଇ ଯୋଜନାରେ ଏହି ୱାଇଫାଇ ସେବା ଲୋକ ପାଇଲେ। ରାଜଧାନୀର ପ୍ରମୁଖ ଛକ, ବଜାରରେ ଲୋକ ଭୁବନେଶ୍ୱର ମି ୱାଇଫାଇ ୱାୟାରଲେସ୍ ନେଟୱର୍କରେ ଲଗ୍‌ଇନ୍ କରି ଲୋକମାନେ ଏହାକୁ ବ୍ୟବହାର କଲେ। କିନ୍ତୁ ମାତ୍ର ଦିନ କେଇଟାରେ ଏହା କାର୍ଯ୍ୟକାରିତା ବନ୍ଦ ହୋଇଗଲା। କିଛି ଦିନ ମୋବାଇଲରେ ୱାଇଫାଇ ସ୍କାନ୍ କଲେ ଭୁବନେଶ୍ୱର ମି ୱାଇଫାଇ ନେଟୱର୍କ ଆସିଲା। କିନ୍ତୁ ଇଣ୍ଟରନେଟ୍ ଗତି ଧିମେଇ ଗଲା। ଆଉ ଏବେ ତ ଏହି ନେଟୱର୍କ ଅଧିକାଂଶ ସ୍ଥାନରେ ଆସୁନି। ମାଗଣାରେ ଇଣ୍ଟରନେଟ୍ ବ୍ୟବହାର ଦୂର କଥା। ବ୍ରାଉଜିଂ ବି ହେଉନି ବୋଲି ଲୋକମାନେ ଅଭିଯୋଗ କରିଛନ୍ତି।

ନଭେମ୍ବର ୫, ୨୦୧୮ ରେ ଭୁବନେଶ୍ୱର ମି ୱାଇଫାଇ ସେବା ଉଦ୍‌ଘାଟିତ ହୋଇଥିଲା। ସ୍ମାର୍ଟ ସିଟିରେ ଏବେ ସବୁ କାମ ସ୍ମାର୍ଟ ତରିକାରେ କରିବା ପାଇଁ ଏହି ୱାଇଫାଇ ସେବା ସହାୟକ ହେବ ବୋଲି କର୍ତ୍ତୃପକ୍ଷ କହିଥିଲେ। ଲୋକଙ୍କୁ ପ୍ରତିଦିନ ଅଧଘଣ୍ଟା ମାଗଣାରେ ଇଣ୍ଟରନେଟ୍ ବ୍ୟବହାର କରିବାର ସୁଯୋଗ ମିଳିବ ବୋଲି ରାଜଧାନୀବାସୀଙ୍କୁ ସ୍ୱପ୍ନ ଦେଖାଇଥିଲେ। ଏଥିରେ ପ୍ରତି ଗ୍ରାହକଙ୍କୁ ୨୫୦ଏମ୍‌ବି




ଇଣ୍ଟରନେଟ୍ ମାଗଣାରେ ଉପଲବ୍ଧ ହେବ। କିନ୍ତୁ ଏହି ସେବା ଆରମ୍ଭରୁ କିଛି ଦିନ ଭଲ ଚାଲିଲା, ତା'ପରେ ଧିମେଇ ଗଲା। ଏବେ ଆଦୌ ଆଉ ଆସୁନାହିଁ। ପୂର୍ବରୁ ଧୀମା ଗତିରେ ହେଉ ପଛେ ସେବା ମିଳୁଥିଲା। ୱାଇଫାଇ ଲଗ୍‌ଇନ୍ ହେଉଥିଲା। କିନ୍ତୁ ବିଭିନ୍ନ ସାଇଟ୍ ଖୋଲୁନଥିଲା। ଲୋକମାନେ ମୋବାଇଲ୍‌କୁ ଉପରକୁ କିଛି ସମୟ ଉଠାଇକି ରଖିବା ପରେ ସାଇଟ୍ ଖୋଲୁଥିଲା। ଏବେ ତ ଲୋକେ ମାଗଣା ୱାଇଫାଇ ମିଳୁଥିଲା ବୋଲି ଭୁଲିଗଲେଣି। କେବଳ ସହରରେ ନୁହେଁ ରାଜଧାନୀରେ ଗଡୁଥିବା ମୋ' ବସ୍‌ରେ ବି ୱାଇଫାଇ ସେବା ଉପଲବ୍ଧ ହେବାର ଥିଲା। ତାହାର ଅବସ୍ଥା ବି ସମାନ।

### ଚୋରି ହୋଇଗଲାଣି ନେଟ୍‌ୱର୍କ ବକ୍ସ

ବର୍ତ୍ତମାନର ଏହି ୱାଇଫାଇ ସିଷ୍ଟମ ବକ୍ସ ଅତି ଦୟନୀୟ ଅବସ୍ଥାରେ ପଡ଼ିଛି। ଅଧିକାଂଶ ସ୍ଥାନରେ ବକ୍ସ ଗୁଡ଼ିକ ଭାଙ୍ଗିଯାଇଛି ଓ କଳଙ୍କି ଲାଗିଯାଇଥିବା ଦେଖିବାକୁ ମିଳୁଛି। ସେହିଭଳି କିଛି କିଛି ସ୍ଥାନରେ ବକ୍ସକୁ ଚୋରମାନେ ତାଡ଼ି ନେଲେଣି। ପୁଣି କେଉଁଠି ବକ୍ସ ଅଛି କିନ୍ତୁ ସେବା ମିଳୁନି। ଯଦ୍ୱାରା ଯୋଜନା କେବଳ ଯୋଜନାରେ ହିଁ ସୀମିତ ହୋଇ ରହିଯାଇଛି। ବର୍ତ୍ତମାନ ସମୟରେ ସବୁ କିଛି ଇଣ୍ଟର୍‌ନେଟ୍‌ରେ କରାଯାଉଛି। ଛାତ୍ରାଛାତ୍ରୀଙ୍କଠାରୁ ଆରମ୍ଭ କରି କର୍ମଜୀବୀ ସମସ୍ତେ ଏହା ଇଣ୍ଟରନେଟ୍ ଉପରେ ନିର୍ଭରଶୀଳ। ହେଲେ ଏହା କାର୍ଯ୍ୟକାରୀ ନ ହେବା ସ୍ମାର୍ଟ ସିଟିର ସ୍ମାର୍ଟ ବ୍ୟବସ୍ଥା ପ୍ରତି ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

# ଡାକ୍ତରଖାନା ଆକାଉଣ୍ଟରୁ ୨୨ ଲକ୍ଷ ଚଲୁ

ଭୁବନେଶ୍ୱର, ୧୧।୬ (ସମିସ): ଘରୋଇ ହସ୍ପିଟାଲର ୨୨ ଲକ୍ଷ ଟଙ୍କା ଚଲୁ କରିଥିବା ଆକାଉଣ୍ଟାଣ୍ଟକୁ ଗିରଫ କରିଛି ଖାରବେଳ ନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଢେଙ୍କାନାଳ ଟାଉନ ଥାନା ଆନନ୍ଦ ନଗରର ସତ୍ୟରଞ୍ଜନ ସ୍ୱାଇଁ (୪୫)। ପୁଲିସ ସୂଚନା ଅନୁସାରେ, ୨୦୧୧ ମସିହାରୁ ଘରୋଇ ହସ୍ପିଟାଲରେ ଆକାଉଣ୍ଟାଣ୍ଟ ଭାବେ କାମ କରୁଥିବା ସତ୍ୟରଞ୍ଜନ ଦେଣନେଣ ଓ ନଗଦ ବହି ପରିଚାଳନା କରୁଥିଲେ। ଗତବର୍ଷ ଡିସେମ୍ବର ମାସ ୧୧ ତାରିଖ ଦିନ ଫାର୍ମାସି ଯୋଗାଣକାରୀଙ୍କୁ ଦେବା ଲାଗି ୮ ଲକ୍ଷ ୭୯ ହଜାର ୫୯୩ ଟଙ୍କା ମଞ୍ଜୁର କରାଯାଇଥିଲା। ହେଲେ ସତ୍ୟରଞ୍ଜନ ପେମେଣ୍ଟ

### ଆକାଉଣ୍ଟାଣ୍ଟ ଗିରଫ



ଟେମ୍ପଲେଟରେ ହିତାଧିକାରୀଙ୍କ ବିବରଣୀକୁ ବଦଳାଇ ନିଜ ଆକାଉଣ୍ଟକୁ ଟଙ୍କା ନେଇ ଯାଇଥିଲା। ଫାର୍ମାସୀ ଯୋଗାଣକାରୀ ସଂସ୍ଥା ଟଙ୍କା ପାଇନଥିବା ଅଭିଯୋଗ କରିବା ପରେ ଖୋଳତାଡ଼ ଆରମ୍ଭ ହୋଇଥିଲା। ସତ୍ୟରଞ୍ଜନ ଆତ୍ମସାତକୁ ଲୁଚାଇବା ସହିତ ରେକର୍ଡ ହେରଫେର ୩ଟି ବ୍ୟକ୍ତିଗତ ବ୍ୟାଙ୍କ ଆକାଉଣ୍ଟକୁ ୨୨ ଲକ୍ଷ ୨୮ ହଜାର ଟଙ୍କା ଠକି ନେଇଥିବା ଜଣାପଡ଼ିଥିଲା। ଏନେଇ ହସପିଟାଲ ମୁଖ୍ୟ ପରିଚାଳନା ଅଧିକାରୀ ପ୍ରଦୀପ କୁମାର ରାଉତ ଖାରବେଳ ନଗର ଥାନାର ଦ୍ୱାରସ୍ଥ ହୋଇଥିଲେ। ତଦନ୍ତ ବେଳେ ପୁଲିସ ସତ୍ୟରଞ୍ଜନର ନିଯୁକ୍ତି ପତ୍ର ଓ ଦରମା ସ୍ଲିପ୍ ଜବତ କରିଥିଲା। ଏଥିସହିତ ବ୍ୟାଙ୍କ ଆକାଉଣ୍ଟ ଓ ବ୍ୟାଙ୍କ ଷ୍ଟେଟମେଣ୍ଟର ଯାଞ୍ଚ କରିବା ପରେ ସେ ୨୧ ଲକ୍ଷ ଟଙ୍କା ହଡ଼ପ କରିଥିବା ଜଣାପଡ଼ିଥିଲା। ପୁଲିସ ଆଜି ବିଏମସି ଅଫିସ ନିକଟରେ ଚଢ଼ଉ କରି ଗତ ଜାନୁଆରୀ ଠାରୁ ଫେରାର ଥିବା ସତ୍ୟରଞ୍ଜନକୁ ଗିରଫ କରିଥିଲା।

# ମାଆ କୋଳରୁ ଅଲଗା ବାଘ ଛୁଆ



### ଅସୁସ୍ଥ ଧଳାବାଘ ଛୁଆର ଚାଲିଛି ଚିକିତ୍ସା

ନନ୍ଦନକାନନ, ୧୧।୬(ସମିସ): ନନ୍ଦନକାନନରେ ଗତ ଜୁନ ୭ତାରିଖରେ ଧଳା ବାଘୁଣୀ ମୌସୁମୀ ଠାରୁ ଜନ୍ମ ହୋଇଥିବା ଅଣ୍ଡିରା ଧଳା ବାଘଛୁଆ ଅସୁସ୍ଥ ହୋଇପଡ଼ିଛି। ତାକୁ ତା ମାଆ କୋଳରୁ ଅଲଗା କରି ନନ୍ଦନକାନନ ଶିଶୁ ଲାଳନପାଳନ କେନ୍ଦ୍ରରେ ରଖାଯାଇ ଚିକିତ୍ସା କରାଯାଉଛି ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ଅଣ୍ଡିରା ଧଳା ବାଘଛୁଆର ଶରୀର ତାପମାତ୍ରାରେ ଅସ୍ୱାଭାବିକ ହେବା ସହ ତା'ର ଶରୀରର ତାପମାତ୍ରା ୯୪. ୮ ଫରେନ୍‌ହାଇଟ ରହିଛି। ଏଥି ସହ ତା'ର ଓଜନ ୬୫୦ଗ୍ରାମ ହୋଇଥିବା ବେଳେ ନାଭିରେ ଅସୁବିଧା ରହିଛି। ଉପ ନିର୍ଦ୍ଦେଶକଙ୍କ ସୂଚନା ଅନୁସାରେ ବୁଧବାର ଅଣ୍ଡିରା ଧଳା ବାଘ ଛୁଆଟି ଅସୁସ୍ଥ ହୋଇପଡ଼ିଥିଲା। କଷ୍ଟ ଅନୁଭବ କରିବା ସହ ତା'ମାଆ ଠାରୁ କ୍ଷୀର ପାନ କରି ପାରି ନ ଥିଲା। ଏହା ଦେଖିବା ପରେ ତାକୁ ଓ ଜନ୍ମ ହୋଇଥିବା ଅନ୍ୟ ସାଧାରଣ ରଙ୍ଗର ମାଈ ବାଘ ଛୁଆକୁ ମୌସୁମୀ କୋଳରୁ ଅଲଗା କରି ଶିଶୁ ଲାଳନ ପାଳନ କେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଅଣ୍ଡିରା ଧଳାବାଘ ଛୁଆର ତାପମାତ୍ରା ନିୟନ୍ତ୍ରଣ ପାଇଁ ତାକୁ ଇନକିଉବେଟରରେ ରଖାଯାଇଛି। ଆକ୍ସିଜେନ ଦିଆଯିବା ସହ ଗରମ କ୍ଷୀର ଦିଆଯାଉଛି। ତେବେ ସାଧାରଣ ରଙ୍ଗର ମାଈ ବାଘ ଛୁଆ ସୁସ୍ଥ ଅଛି। ତାର ଓଜନ ୮୧୦ଗ୍ରାମ ରହିଛି। ବୋତଲରେ ତାକୁ କ୍ଷୀର ଦିଆଯାଉଛି।

# ରଜରେ ଫିକା ପଡ଼ିବ ଆମିଷ ବଜାର

ଭୁବନେଶ୍ୱର, ୧୧।୬(ସମିସ): ସାଧାରଣତଃ ଓଡ଼ିଶାର ପାରମ୍ପରିକ ଉତ୍ସବ ରଜ ଉପଲକ୍ଷେ ତିନି ଦିନ ଧରି ଘରେ ଘରେ ପିଠାପଣାର ଆସର ଜମେ। ତା ସାଙ୍ଗକୁ ଭଳି କି ଭଳି ଆମିଷ ବ୍ୟଞ୍ଜନ। ରଜ ଉତ୍ସବକୁ କେବଳ ଦୋଳି ଖେଳରେ ସୀମିତ ନ ରଖି ଏହି ତିନି ଦିନ ଧରି ବନ୍ଧୁ ପରିବାରଙ୍କ ସହ ଏକାଠି ବସି ଖାଇବାର ମଧ୍ୟ ସୁଯୋଗ ମିଳିଥାଏ। ଏଥିପାଇଁ ଘରେ ଘରେ ଆମିଷ ରୋଷେଇ ସାଙ୍ଗକୁ ଭୋଜି ଭାତର ବି ଆସର ଜମେ। ଏଥର ରଜ ତିନି ଦିନ ଆମିଷ ବାର ପଡୁନଥିବାରୁ ଜମିବନି ଆମିଷ ଭୋଜିର ଆସର। ପହିଲି ରଜ ଶନିବାର ପଡୁଥିବା ବେଳେ ଏହି ଦିନରେ ଅଧିକାଂଶ ଲୋକେ ଆମିଷ ଖାଇନଥାନ୍ତି। ତେଣୁ ଘରେ ଆମିଷ ରୋଷେଇ ମଧ୍ୟ ହୋଇନଥାଏ। ସେହିପରି ଦ୍ୱିତୀୟ ରଜ ରବିବାର ପଡୁଥିଲେ ବି ଏହି ଦିନ ରଜ ସଂକ୍ରାନ୍ତି ପଡୁଥିବାରୁ ରବିବାର ବି ମାଡ଼ ଖାଇବ। ସେହିପରି ଶେଷ ରଜ ସୋମବାର ଏବଂ ମଣିକ ରଜ ମଙ୍ଗଳବାର ପାଇଁ ଏଥର ସଜବାଜରେ ଘରେ ଘରେ ଆମିଷ ରୋଷେଇର ବାସ୍ନା ମିଳିବ। ଏଥିପାଇଁ ଶୁକ୍ରବାର କେବଳ ଘରେ ନୁହେଁ ବିଭିନ୍ନ ହୋଟେଲ ଓ ରେସ୍ତୋରାଁରେ ଆମିଷ ଭୋଜନ କରିବାକୁ ବେଶ୍ ଭିଡ଼ ଜମିବ। ଏଥିପାଇଁ ପୂର୍ବରୁ ପ୍ରସ୍ତୁତି ହୋଇଥିବା ଜଣାପଡ଼ିଛି। ମାଛ, ଚିକେନ୍, ମଟନ୍ ସାଙ୍ଗକୁ ଚିଙ୍ଗୁଡ଼ି କଙ୍କଡ଼ା ଆଦିର ଭଳି କି ଭଳି ଆଇଟମ୍ ପ୍ରସ୍ତୁତି ସହ ବନ୍ଧୁ ପରିଜନଙ୍କ ସହ ଭୋଜିଭାତର ମଧ୍ୟ ଅନେକ ଆୟୋଜନ କରିଥିବା ଜଣାପଡ଼ିଛି। ତେଣୁ ଏଥର ରଜରେ କେବଳ ଗୋଟିଏ ଦିନ ସଜବାଜରେ ଆମିଷ ବ୍ୟବସାୟ ଭଲ ହେବ ବୋଲି ଆମିଷ ବ୍ୟବସାୟୀମାନେ କହିଛନ୍ତି।

# ଉଚ୍ଛେଦକୁ ବିରୋଧ; ରାସ୍ତାରେ ଗଡ଼ିଲେ ଉଠାଦୋକାନୀ

ଭୁବନେଶ୍ୱର, ୧୧।୬(ସମିସ)

ରାଜମହଲରୁ ଏଜି ରାସ୍ତାରେ ଥିବା ଉଠାଦୋକାନ ଉଚ୍ଛେଦକୁ ନେଇ ବିରୋଧ ଓ ପ୍ରତିବାଦ ପ୍ରକାଶ ପାଇଛି। ୫୦ରୁ ଉର୍ଦ୍ଧ୍ୱ ଉଠାଦୋକାନୀ ରାଜମହଲ-ଏଜି ମୁଖ୍ୟ ରାସ୍ତାରେ ଧାରଣା ଦେବା ସହ ବିଏମସିର ଏହି ମନମାନୀ କାର୍ଯ୍ୟକଳାପକୁ ଦୃଢ଼ ବିରୋଧ କରିଛନ୍ତି। ବିଏମ୍‌ସି ଉଚ୍ଛେଦକାରୀ ଦଳ ଓ ଉଠାଦୋକାନୀଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଦେଖାଦେଇଥିବା ବେଳେ ଜୋର ଜବରଦସ୍ତି ବିଏମସି ବିନା ନୋଟିସରେ ଉଚ୍ଛେଦ କରୁଥିବା ଉଠାଦୋକାନୀମାନେ ଅଭିଯୋଗ

- ବିନା ନୋଟିସରେ ଉଠାଦୋକାନ ଉଚ୍ଛେଦକୁ ନେଇ ଉତ୍ତେଜନା
- ମାଗଣାରେ ଫଳ ନ ଦେବାରୁ ଉଠାଦୋକାନ ଉଚ୍ଛେଦ ଅଭିଯୋଗ
- ଦେଢ଼ଘଣ୍ଟା ଧରି କଳ୍ପନା-ଏଜି ମୁଖ୍ୟ ରାସ୍ତାରେ ଯାତାୟତ ଠପ୍





କରିଛନ୍ତି। ଉଠାଦୋକାନୀ ମହାସଂଘ ସଭାପତି ପ୍ରତାପ ସାହୁଙ୍କ ଅଭିଯୋଗ ମୁତାବକ, ଏଠାରେ ଉଚ୍ଛେଦ କରାଯିବ ନାହିଁ ଓ ବିଏମସିର କୌଣସି ସ୍କ୍ୱାଡ ଲାଞ୍ଚ ମାଗିଲେ ଉଠାଦୋକାନୀମାନେ ଦେବେ ନାହିଁ ବୋଲି ଉଠାଦୋକାନୀ ଓ ବିଏମସି ମଧ୍ୟରେ ଗତ ୨୪ ତାରିଖରେ ହୋଇଥିବା ବୈଠକରେ ନିଷ୍ପତ୍ତି ହୋଇଥିଲା। ବଦଳରେ ବିଏମସି ନିୟମିତ ଉଠାଦୋକାନୀଙ୍କଠାରୁ ତାର ରାଜସ୍ୱ ନେବ ବୋଲି ମଧ୍ୟ କୁହାଯାଇଥିଲା। ବିଏମସି ରାଜସ୍ୱ ବିଭାଗ ଉପାଯୁକ୍ତଙ୍କ ସହ ମଧ୍ୟ ଏନେଇ ଆଲୋଚନା କରାଯାଇଥିଲା। ପରେ କିଛିଦିନ ତଳେ ବିଏମସିର ସ୍କ୍ୱାଡ ଉଠାଦୋକାନୀଙ୍କୁ ମାଗଣାରେ ଫଳମାଗିଥିଲେ। ଉଠାଦୋକାନୀ ଫଳ ଦେବାକୁ ରୋକଠୋକ ମନା କରିଦେଇଥିଲେ। ପରିଣାମ ସ୍ୱରୂପ ନିୟମିତ ଉଚ୍ଛେଦ ଦର୍ଶାଇ ରାସ୍ତା କଡ଼ରେ ଥିବା ଉଠାଦୋକାନଗୁଡ଼ିକୁ ଉଚ୍ଛେଦ କରାଯାଇଛି। ବିଏମସି ସ୍କ୍ୱାଡ ଓ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶରେ ଏହି ଉଚ୍ଛେଦ କରାଯାଇଛି। ଉଠାଦୋକାନୀଙ୍କ ପେଟକୁ ଲାତ ମାରିବା ଘଟଣାକୁ ନିନ୍ଦା କରିଛନ୍ତି ସଂଘର ସଭାପତି ଶ୍ରୀ ସାହୁ ଅଭିଯୋଗ କରିଛନ୍ତି। ସେପଟେ ଏହାକୁ ରେଗୁଲାର ଏନଫୋର୍ସମେଣ୍ଟ ବା ନିୟମିତ ଉଚ୍ଛେଦ ବୋଲି ବିଏମସି ଦକ୍ଷିଣ ପୂର୍ବ ଜୋନାଲ ଡେପୁଟି କମିଶନର (ଜେଡିସି) ତଥା ଓଏଏସ୍ ଅଧିକାରୀ ରାଜଲକ୍ଷ୍ମୀ ନାୟକ କହିଛନ୍ତି। ନିୟମିତ ଭାବେ ବିଏମସି ଟିମ୍ ରାସ୍ତା ଉପରକୁ ମାଡ଼ି ଆସିଥିବା ଉଠାଦୋକାନଗୁଡ଼ିକୁ ଭାଙ୍ଗିଥାଏ। ବ୍ୟପାର କରିବାକୁ କେହି ବାରଣ କରୁନାହାଁନ୍ତି। କିନ୍ତୁ ମୁଖ୍ୟ ରାସ୍ତାରେ ଯାତାୟତ ଲାଗି ମଧ୍ୟ ଧ୍ୟାନ ଦେବା ଜରୁରୀ। ଉଠାଦୋକାନୀମାନେ ମୁଖ୍ୟ ରାସ୍ତାକଡ଼ ଯାଏଁ ଏନଫୋର୍ସମେଣ୍ଟ କରୁଛନ୍ତି। ଯାହାକୁ ଦୃଷ୍ଟିରେ ରଖି ବିଏମସି ନିୟମିତ ଭାବେ ଉଚ୍ଛେଦ କରିଆସୁଛି। ବୁଧବାର ମଧ୍ୟ ସମାନ ଢଙ୍ଗରେ ବିଏମସି ଉଚ୍ଛେଦ କରିଥିଲା। କେହି ବି ଲାଞ୍ଚ ନେଇଥିବା କଥା ନେଇ ଅଭିଯୋଗ ହସ୍ତଗତ ହୋଇନାହିଁ। ଏନେଇ ଅଭିଯୋଗ ମିଳିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜେଡିସି ଶ୍ରୀମତୀ ନାୟକ କହିଛନ୍ତି।

ବୁଧବାର ଅପରାହ୍ଣରେ ଉଚ୍ଛେଦ ପ୍ରତିବାଦରେ ଉଠାଦୋକାନୀମାନେ ଏକାଠି ହୋଇ ବିରୋଧ କରିବାକୁ ଲାଗିଲେ। ସେମାନେ ମୁଖ୍ୟ ରାସ୍ତାରେ ଧାରଣାରେ ବସି ବିଏମସି ବିରୋଧରେ ସ୍ଲୋଗାନ ଦେବା ସହ ପ୍ରତିବାଦ କରି ରାସ୍ତା ଅବରୋଧ କରିଥିଲେ। ଫଳରେ କଳ୍ପନା-ଏଜି ମୁଖ୍ୟ ରାସ୍ତାରେ ଯାତାୟତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ବିରୋଧ ତୀବ୍ର ହେବା ସହ ରାସ୍ତା ଅବରୋଧ ଦୀର୍ଘ ଦେଢ ଘଣ୍ଟା ଧରି ଚାଲିଲା। କଳ୍ପନା-ଏଜି ରାସ୍ତାରେ ଟ୍ରାଫିକ ଜାମ ହେବାରୁ ଯାତ୍ରୀମାନେ ଅସୁବିଧାରେ ପଡ଼ିଥିଲେ। ବସ୍, କାର ଓ ଅଟୋ ରାସ୍ତାରେ ଅଟକି ରହିଥିଲା। ଯାହା ଯାତ୍ରୀଙ୍କ ମଧ୍ୟରେ ବହୁ ସମସ୍ୟା ସୃଷ୍ଟି କରିଥିଲା। ପୁଲିସର ହସ୍ତକ୍ଷେପ ପରେ ସ୍ଥିତି ନିୟନ୍ତ୍ରଣ ହୋଇଥିଲା।

# ଭୁବନେଶ୍ୱର ସିଟି



# ସ୍ନାନବେଦୀରୁ ଅଣସର ଗଲେ ମହାପ୍ରଭୁ







## ଗଜାନନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଲେ ଶ୍ରୀଜୀଉ

ଭୁବନେଶ୍ୱର, ୧୧।୬(ସମିସ): ରାଜଧାନୀରେ ଶ୍ରୀଜଗନ୍ନାଥଙ୍କ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି । ଶ୍ରୀକ୍ଷେତ୍ର ପୁରୀର ରୀତିନୀତି ଅନୁସାରେ ଇସ୍କନ ମନ୍ଦିରରେ ଭୋର ୪ଟାରେ ମଙ୍ଗଳ ଆଳତି କରାଯିବା ପରେ ଠାକୁରଙ୍କର ମଇଲମ ନୀତି କରାଯାଇଥିଲା । ଗୁରୁପୂଜା ପରେ ସକାଳ ୯ଟା ୩୦ରେ ଶ୍ରୀବଳଦେବ, ଦେବୀ ସୁଭଦ୍ରା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଘଣ୍ଟାଘଣ୍ଟା ଓ ଚାମର ଲାଗି କରାଯାଇ ପ୍ରଭୁଙ୍କୁ ସ୍ନାନ ମଣ୍ଡପକୁ ବିଜେ କରାଯାଇଥିଲା । ୧୦ଟା ୩୦ରେ ବିଭିନ୍ନ ତୀର୍ଥ କ୍ଷେତ୍ରରୁ ଅଣାଯାଇଥିବା ୧୦୮ କଳସୀର ପବିତ୍ର ଜଳରେ ଶ୍ରୀଜୀଉଙ୍କୁ ସ୍ନାନାଭିଷେକ କରାଯାଇଥିଲା । ସାଢେ ୯ଟାରୁ ପହଣ୍ଡି ବିଜେ ଆରମ୍ଭ ହୋଇ ସାଢେ ୧୧ଟା ସୁଦ୍ଧା ଶେଷ ହୋଇଥିଲା । ପରେ ଶୃଙ୍ଗାର କରାଯାଇ ଶ୍ରୀଜିଉଙ୍କ ପାଖରେ ଗଜାନନ ବେଶ କରାଯାଇଥିଲା । ଦିନ ୧ଟାରେ ଆଳତି କରାଯିବା ପରେ ୧.୪୫ରେ ଭକ୍ତମାନଙ୍କୁ ସ୍ନାନଯାତ୍ରାର ପ୍ରସାଦ ବିତରଣ କରାଯାଇଥିଲା । ସନ୍ଧ୍ୟା ସାଢ଼େ ୬ଟାରେ ଶ୍ରୀଜୀଉଙ୍କ ପାଖରେ ସନ୍ଧ୍ୟା ଆଳତି କରାଯାଇ ରାତ୍ର ୯ଟାରେ ଶ୍ରୀଜୀଉମାନେ ସ୍ନାନ ମଣ୍ଡପରୁ ଅଣସର ଗୃହକୁ ପ୍ରତ୍ୟାବର୍ତ୍ତନ କରାଯାଇଛି । ଏହି ଅବସରରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

କିସ୍ ଶ୍ରୀବାଣୀକ୍ଷେତ୍ରରେ ରୀତିନୀତି ଅନୁସାରେ ଭକ୍ତଙ୍କ ଗହଣରେ ଶ୍ରୀଜୀଉଙ୍କର ଦେବସ୍ନାନ କରାଯାଇଥିଲା । ସେହିପରି ୟୁନିଟ୍-୫ ଜଗନ୍ନାଥ ମନ୍ଦିର, ୟୁନିଟ୍-୮ ଶ୍ରୀଜଗନ୍ନାଥ ମନ୍ଦିର, ଆର୍‌ସିଏମ୍ ଜଗନ୍ନାଥ ମନ୍ଦିର, ପଟିଆ ଜଗନ୍ନାଥ ମନ୍ଦିର, ଭିଏସଏସନଗର ଭୁବନେଶ୍ୱରୀ ମନ୍ଦିର ସମେତ ସହରର ରାଜଧାନୀର ବିଭିନ୍ନ ଶ୍ରୀଜଗନ୍ନାଥ ମନ୍ଦିରରେ ସ୍ନାନ ପୂର୍ଣ୍ଣିମା କରାଯାଇଥିଲା । ଲକ୍ଷ୍ମୀସାଗର ଶ୍ରୀ ଶ୍ରୀ ପତିତପାବନ ମନ୍ଦିରରେ ପୁରାଣ ବର୍ଣ୍ଣିତ ତଥା ଓଡ଼ିଶାର ଆଧ୍ୟାତ୍ମିକ ବିଶ୍ୱାସ ଓ ପରମ୍ପରା ଅନୁସାରେ ପ୍ରଚଣ୍ଡ ଗ୍ରୀଷ୍ମବିକାଶ ଓ ଜଳାଭିଷେକର ଅନ୍ତିମ ଅବକାଶରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା ହୋଇଥାଏ । ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଲକ୍ଷ୍ମୀସାଗର ଶ୍ରୀ ଶ୍ରୀ ପତିତପାବନ ମନ୍ଦିରରେ ମହାପ୍ରଭୁଙ୍କ ସ୍ନାନ ସମ୍ପନ୍ନ ହୋଇଛି । ସ୍ନାନ ପରେ ମହାପ୍ରଭୁ ଅଣସର ଘରେ ରହିବା ପର୍ଯ୍ୟନ୍ତ ମଲମ ଓ ଚିକିତ୍ସା ନିର୍ଦ୍ଧାରିତ ନିର୍ଘଣ୍ଟ ଅନୁସାରେ କରାଯିବାର ବ୍ୟବସ୍ଥା ହୋଇଛି । ପ୍ରତିବର୍ଷ ଭଳି ଚଳିତ ବର୍ଷ ସୁନ୍ଦରପଦାର ଯଯାତି କେଶରୀଙ୍କ ସ୍ଥାପିତ ପତିତପାବନ ଦେବଙ୍କ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଥିଲା । ଘଣ୍ଟୁଆଙ୍କ ଘଣ୍ଟ ନାଦ ନଗର ପରିକ୍ରମା କରି ତେଲିଙ୍ଗି ବାଜା ଶ୍ରୀଜୀଉଙ୍କ ଆସ୍ଥାନ ନିକଟରେ ବାଜି ଉଠୁଥିଲା । ପରେ ପତିତ ପାବନ ଦେବଙ୍କୁ ସ୍ନାନ ମଣ୍ଡପରୁ ମନ୍ଦିର ଭିତରକୁ ନିଆଯାଇଥିଲା । ଶୈଳଶ୍ରୀବିହାର ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ମହାସମାରୋହରେ ପାଳିତ ହୋଇଯାଇଛି । ଗଜାନନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି ମହାପ୍ରଭୁ । ଆଜି ପ୍ରାତଃ ୫ ଘଟିକା ସମୟରେ ମଙ୍ଗଳ ଆଳତି ହୋଇ ମଇଲମ, ଅବକାଶ, ସକାଳ ଆଳତୀ, ଖେଚୁଡି ଭୋଗ ଲାଗି ହେବା ପରେ ତିନି ଠାକୁରଙ୍କୁ ପହଣ୍ଡି କରି ମନ୍ଦିରରୁ ସ୍ନାନ ମଣ୍ଡପକୁ ନିଆଯାଇଥିଲା । ସେଠାରେ ପୂଜକମାନେ ତିନି ଠାକୁରଙ୍କୁ ସୁବାସିତ ଜଳରେ ଦିବ୍ୟସ୍ନାନ କରାଇ ଗଜାନନ ବେଶରେ ସୁସଜ୍ଜିତ କରିଥିଲେ । ରାତି ସାଢେ ୯ ଟାରେ ରାତ୍ରି ଧୂପ ଅନୁଷ୍ଠିତ ହୋଇ ମହାପ୍ରଭୁ ଅଣସର ବିଜେ କରିଥିଲେ ।

## ସୁଦର୍ଶନ ଦାରୁପୀଠରେ ଦେବ ସ୍ନାନ ପୂର୍ଣ୍ଣିମା



**ଧଉଳି:** ସ୍ନାନ ପୂର୍ଣ୍ଣିମା ଅବସରରେ ବାଲିଅନ୍ତା ବ୍ଲକ ଚକ୍ରରାଜ ସୁଦର୍ଶନ ଦାରୁ ପୀଠରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ନାନ ପୂର୍ଣ୍ଣିମା ଅବସରରେ ନୀତି ନିର୍ଘଣ୍ଟ ପ୍ରାତଃରେ ମଙ୍ଗଳାର୍ପଣ ଡୋରଲାଗି ଓ ପୁଷ୍ପାଞ୍ଜଳି ହୋଇ ପହଣ୍ଡିଆରମ୍ଭ ହୋଇଥିଲା । ପରେ ମଙ୍ଗଳ ଆଳତି ସକାଳ ୯.ଟାରେ ମଇଲମ, ତଡ଼ପଲାଗ ପରେ ନୀତି ସମ୍ପନ୍ନ ହୋଇଥିଲା ଏବଂ ପ୍ରଭୁଙ୍କ ସ୍ନାନ କରାଯାଇ ଅଣସର ଗୃହକୁ ବିଜେ କରାଯାଇଥିଲା । ସେହିପରି ଜୟଦେବ ପୀଠ କେନ୍ଦୁବିଲ୍ୱ ଗ୍ରାମର ଉପରସାହି, ବାଳକାଟି ସ୍ଥିତ ମାହାଲ ସାହି, ସ୍ୱପ୍ନେଶ୍ୱର ମନ୍ଦିର, ଦୋପଟି ସାହିର ପତିତ ପାବନ, କୌଶଲ୍ୟା ଗଙ୍ଗ ନିକଟସ୍ଥ ପୁବା ଶାସନ ଗାଁ ଆଦି ମନ୍ଦିରରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ସ୍ନାନ ପୂର୍ଣ୍ଣିମା ମହା ସମାରୋହରେରେ ପାଳିତ ହୋଇଯାଇଛି । ମହାପ୍ରଭୁ ଙ୍କ ସମସ୍ତ ନୀତିକାନ୍ତି ଖୁବ ଶାନ୍ତି ଶୃଙ୍ଖଳାର ସହିତ ଶେଷ ହୋଇଛି । ମହାପ୍ରଭୁଙ୍କ ଦିବ୍ୟଦୁର୍ଲଭ ଗଜବେଶରେ ଦର୍ଶନ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା ।

## ପତିତପାବନ ଦେବଙ୍କ ସ୍ନାନଯାତ୍ରା



**ବାଲିଅନ୍ତା:** ବାଲିଅନ୍ତା ବ୍ଲକ କାକରୁଦ୍ରପୁର ପଞ୍ଚାୟତ ଅଧୀନ ପତିତପାବନ ଦେବଙ୍କ ପୀଠରେ ସ୍ନାନପୂର୍ଣ୍ଣିମା ଯଥାବିଧି ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସକାଳ ସାଢେ ୫ଟା ବେଳେ ମଙ୍ଗଳଆଳତି, ମଇଲମ, ତଡପଲାଗି, ବାଲଭୋଗ ନୀତି ବିଧି ସମ୍ପର୍ଣ୍ଣ ହୋଇଥିଲା । ସାଢେ ୧୦ଟା ସମୟରେ ପଣ୍ଡା ସେବାୟତ ପରିଷଦ ଘଣ୍ଟ, ଘଣ୍ଟି, ହରିବୋଲ ପକାଇ ଗୋଟି ପହଣ୍ଡିରେ ଶ୍ରୀଜୀଉଙ୍କୁ ସ୍ନାନ ମଣ୍ଡପକୁ ନେଇଥିଲେ । ସେଠାରେ ସୁବାସିତ ଜଳରେ ଠାକୁରଙ୍କ ସ୍ନାନ ନୀତି କରାଇ ପନ୍ଥି ଭୋଗ ଲାଗି କରାଯାଇଥିଲା । ଏହାପରେ ଆଳତୀ ଏବଂ ଶଙ୍ଖୁଡି ଭୋଗ ହୋଇଥିଲା । ସନ୍ଧ୍ୟାରେ ଠାକୁରଙ୍କୁ ହାତୀ ବେଶ କରାଯାଇଥିଲା । ମୁଖ୍ୟ ପୂଜକ ବାଉରୀବନ୍ଧୁ ପଣ୍ଡାଙ୍କ ସମେତ ହିମାଂଶୁ ପଣ୍ଡା ଏବଂ ଅନ୍ୟ ପଣ୍ଡା ସେବାୟତ ସମସ୍ତ ସେବା କାର୍ଯ୍ୟ ସମ୍ପାଦନ କରିଥିଲେ । ହଜାର ହଜାର ଶ୍ରଦ୍ଧାଳୁ ଠାକୁରଙ୍କ ନବ ବେଶ ଦର୍ଶନ କରିଥିଲେ । ରାତି ୯ ଟା ରେ ଠାକୁର ମନ୍ଦିରକୁ ବିଜେ କରିଥିଲେ ।

## ବିଶ୍ୱ ବାଣିଜ୍ୟ

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୫.୪୬ • ପାଉଣ୍ଡ ୧୧୫.୮୩
- ୟୁରୋ ୯୮.୨୨ • ୟେନ୍ ୦.୫୯


### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୪ କ୍ୟାରେଟ୍)

- ସୁନା: ୮୮,୮୫୦ (ଭୁବନେଶ୍ୱର)
- ରୁପା : ୧୦୧୦୬୦,୦୦୦ (କେଜି)

### ଷ୍ଟକ୍ ମାର୍କେଟ୍



ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୨,୫୧୫.୦୦
- ନିଫ୍ଟି ୨୫,୧୪୧.୪୦

### ପେଟ୍ରୋଲ-ଡିଜେଲ୍



ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

### ଜୁଲାଇ ୧ରୁ ନୂଆ ନିୟମ

## ତତ୍କାଳ ଟିକଟ ବୁକିଂ ଲାଗି ଆଧାର ବାଧ୍ୟତାମୂଳକ

ନୂଆଦିଲ୍ଲୀ, ୧୧।୬ (ଏଜେନ୍ସି):

ତତ୍କାଳ ଟିକଟ ବୁକିଂ ନିୟମରେ ବଡ଼ ପରିବର୍ତ୍ତନ କରିଛି ଭାରତୀୟ ରେଳବାଇ । ଜୁଲାଇରୁ ୧ରୁ ଆଇଆରସିଟିସି ୱେବସାଇଟ କିମ୍ବା ଆପ୍ଲିକେସନରେ ତତ୍କାଳ ଟିକଟ ବୁକିଂ ପାଇଁ ଆଧାର ପ୍ରାମାଣିକତାକୁ ଜରୁରୀ କରିଦିଆଯାଇଛି । ଏହା ବ୍ୟତୀତ ଜୁଲାଇ ୧୫ରୁ ଅନ୍‌ଲାଇନରେ ତତ୍କାଳ ବୁକିଂ ଲାଗି ଆଧାର ନମ୍ବର ସହ ଜଡ଼ିତ ମୋବାଇଲ ନମ୍ବରକୁ ଯାଇଥିବା ଓଟିପି ଦେବାକୁ ହେବ । ଟିକଟ ବୁକିଂରେ ସ୍ୱଚ୍ଛତା ଏବଂ ଦଲାଲ କିମ୍ବା ଜାଲ୍ ଏଜେଣ୍ଟଙ୍କ ମନମୁଖୀ କାର୍ଯ୍ୟକଳାପ ଉପରେ କଟକଣା ସହିତ ପ୍ରକୃତ ଉପଭୋକ୍ତାଙ୍କ ନିକଟରେ ଯୋଜନାର ଲାଭ ପହଞ୍ଚାଇବା ପାଇଁ ରେଳବାଇ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ସୂଚନା ଅନୁଯାୟୀ ପ୍ରାରମ୍ଭିକ ଅବଧିରେ ବୃହତ୍ ବୁକିଂକୁ ରୋକିବା ପାଇଁ ଭାରତୀୟ ରେଳବାଇର ଅଧିକୃତ ଟିକେଟ୍ ଏଜେଣ୍ଟମାନଙ୍କୁ ବୁକିଂ ୱିଣ୍ଡୋର ପ୍ରଥମ ୩୦ ମିନିଟ ମଧ୍ୟରେ ତତ୍କାଳ ଟିକେଟ୍ ବୁକ୍ କରିବାକୁ ଅନୁମତି ଦିଆଯିବ ନାହିଁ । ଏସି ଶ୍ରେଣୀ ପାଇଁ ଏହି କଟକଣା ପୂର୍ବାହ୍ନ ୧୦.୦୦ ରୁ ୧୦.୩୦ ପର୍ଯ୍ୟନ୍ତ ଏବଂ ଅଣ-ଏସି ଶ୍ରେଣୀ ପାଇଁ ପୂର୍ବାହ୍ନ ୧୧.୦୦ ରୁ ୧୧.୩୦ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ । ଏ ନେଇ ଆବଶ୍ୟକୀୟ ପରିବର୍ତ୍ତନ କରିବାକୁ ସିଆରଆଇଏସ ଏବଂ ଆଇଆରସିଟିସି କୁ ନିର୍ଦ୍ଦେଶ ଦିଆଯାଇଛି । ରେଳ ମନ୍ତ୍ରଣାଳୟ ସମସ୍ତ ଯାତ୍ରୀଙ୍କୁ ଏହି ପରିବର୍ତ୍ତନ ଉପରେ ଧ୍ୟାନ ଦେବାକୁ ଅନୁରୋଧ କରିଛି ଏବଂ ଅସୁବିଧାକୁ ଏଡ଼ାଇବା ପାଇଁ ସମସ୍ତଙ୍କୁ ଆଇଆରସିଟିସି ବ୍ୟବହାରକାରୀଙ୍କ ପ୍ରୋଫାଇଲ୍ ସହିତ ଆଧାର ସଂଯୋଗ ନିଶ୍ଚିତ କରିବାକୁ କହିଛି ।

## ଋଣ ହାର ହ୍ରାସ କଲା ୟୁନିଅନ ବ୍ୟାଙ୍କ ଅଫ୍ ଇଣ୍ଡିଆ

ମୁମ୍ବାଇ, ୧୧।୬ (ସମିସ): ଭାରତୀୟ ରିଜର୍ଭବ୍ୟାଙ୍କ (ଆରବିଆଇ) ରେପୋ ରେଟ୍ ୫୦ ବେସିସ ପଏଣ୍ଟ ହ୍ରାସ କଲା ପରେ ୟୁନିଅନ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ) ଏ ଦିଗରେ ପଦକ୍ଷେପ ନେଇଛି । ୟୁବିଆଇ ବୁଧବାରଠାରୁ ଏହାର ପ୍ରମୁଖ ସୁଧ ହାରରେ ପରିବର୍ତ୍ତନ କରିଛି । ଏଗୁଡିକ ମଧ୍ୟରେ ଏକ୍ସଟରନାଲ ବେଞ୍ଚମାର୍କ ଲେଣ୍ଡିଂ ରେଟ୍ (ଇବିଏଲଆର) ଏବଂ ରେପୋ ଲିଙ୍କଡ୍ ଲେଣ୍ଡିଂ ରେଟ୍ (ଆରଏଲଏଲଆର)ରେ ୫୦ ବେସିସ ପଏଣ୍ଟ ହ୍ରାସ ସାମିଲ ରହିଛି । ଏହି ପଦକ୍ଷେପ ସହିତ ୟୁବିଆଇ ନିଜର ଇବିଏଲଆର ଏବଂ ଆରଏଲଏଲଆରକୁ ଆରବିଆଇ ସହିତ ସମ୍ପୂର୍ଣ୍ଣ ଭାବେ ସମାନ କରିଦେଇଛି । ରେପୋରେଟ୍‌ରେ ଏହି ହ୍ରାସ ଦ୍ୱାରା ଗୃହ ଋଣ, ଗାଡ଼ି ଋଣ, ବ୍ୟକ୍ତିଗତ ଋଣ ଆଦି ସହିତ ଏମଏସଏମଇ ଋଣରେ ଉପଭୋକ୍ତାଙ୍କୁ ଆଶ୍ୱସ୍ତି ମିଳିବ ବୋଲି ଲକ୍ଷ୍ୟ ରଖାଯାଇଛି ।

## ୟୁକୋ ବ୍ୟାଙ୍କ ଭୁବନେଶ୍ୱର ପକ୍ଷରୁ କୃଷି ମହୋତ୍ସବ

ଭୁବନେଶ୍ୱର, ୧୧।୬ (ସମିସ): ୟୁକୋ ବ୍ୟାଙ୍କର ଭୁବନେଶ୍ୱର ଶାଖା ପକ୍ଷରୁ ରିସୋର୍ସ, ଏମ୍‌ଏସ୍‌ଏମ୍‌ଇ ଓ କୃଷି ମହୋତ୍ସବ କଟକସ୍ଥିତ ହୋଟେଲ ପ୍ରମୋଦଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଏମ୍‌ଏସ୍‌ଏମ୍‌ଇ, କୃଷି, ରିସୋର୍ସ ଗ୍ରାହକ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବ୍ୟାଙ୍କ ମିତ୍ରମାନେ ଯୋଗଦେଇଥିଲେ । ଏହି ଅବସରରେ ଗୌତମ ପାତ୍ର, ମୁଖ୍ୟ ମହାପ୍ରବନ୍ଧକ, ବ୍ୟବସାୟ ବିକାଶ (ଓଡ଼ିଶା, ଛତିଶଗଡ଼, ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା) ତଥା ସଂଯୋଜକ, ଏସ୍‌ଏଲ୍‌ବିସି, ଓଡ଼ିଶା, ଅଙ୍କିତ ରାଣା, ମହାପ୍ରବନ୍ଧକ, ଋଣ ଆଦାୟ ଏବଂ ଆଇନ୍, ୟୁକୋ ବ୍ୟାଙ୍କ ପ୍ରଧାନ କାର୍ଯ୍ୟାଳୟ, କୋଲକାତା, ପି.କେ ଗୁପ୍ତା, ଯୁଗ୍ମ ନିର୍ଦ୍ଦେଶକ ଏବଂ କାର୍ଯ୍ୟାଳୟ ମୁଖ୍ୟ, ଏମ୍‌ଏସ୍‌ଏମ୍‌ଇ ଡିଏଫ୍‌ଓ, ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ, ଭାରତ ସରକାର ଏବଂ ଭଗୱତ



ସିଂ ଭାକୁନି, ଉପ ମହାପ୍ରବନ୍ଧକ ଏବଂ ଆଞ୍ଚଳିକ ମୁଖ୍ୟ, ଭୁବନେଶ୍ୱର ପ୍ରମୁଖ ଉପସ୍ଥିତ ଥିଲେ । ଶ୍ରୀ ଭାକୁନି ସ୍ୱୟଂ ସହାୟକ ଗୋଷ୍ଠୀର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ଶ୍ରୀ ପାତ୍ର ସମସ୍ତ ଅଂଶଗ୍ରହଣକାରୀଙ୍କୁ ସମ୍ବୋଧିତ କରି ମହିଳା ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀମାନଙ୍କ ପାଇଁ ଏବଂ ଏସ୍‌ଏଚ୍‌ଜିଗୁଡିକୁ ଆର୍ଥିକ ସହାୟତା ପ୍ରଦାନରେ ୟୁକୋ ବ୍ୟାଙ୍କର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ । ଶ୍ରୀ ଗୁପ୍ତା ଉତ୍କୃଷ୍ଟ ମାନର ଗ୍ରାହକ ସେବା କିପରି ଏମ୍‌ଏସ୍‌ଏମ୍‌ଇ ଶିଳ୍ପ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବ ସେ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଏହି ଅବସରରେ ଏସ୍‌ଏଚ୍‌ଜି, କୃଷି ଓ ଏମ୍‌ଏସ୍‌ଏମ୍‌ଇ ଗ୍ରାହକମାନଙ୍କୁ ଋଣ ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ଅବଦାନ ପାଇଁ ଏସ୍‌ଏଚ୍‌ଜି ବ୍ୟାଙ୍କ ମିତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ୟୁକୋ ଫାର୍ମା ଗ୍ରୋଥ୍, ନାରୀ ସମ୍ମାନ ଏବଂ ଯୁବ ଶକ୍ତି ଆଦି ନୂତନ ଉତ୍ପାଦର ବୈଶିଷ୍ଟ୍ୟଗୁଡିକ ଉପରେ ଆଲୋକପାତ କରାଯାଇଥିଲା ।

## ତନିସ୍କର ସର୍ବବୃହତ୍ ଗୋଲ୍ଡ ଏକ୍ସଚେଞ୍ଜ ଅଫର



ଭୁବନେଶ୍ୱର, ୧୧।୬(ସମିସ): ସୁନା ମୂଲ୍ୟ ବଢ଼ିଚାଲିଥିବାବେଳେ ଦେଶର ସର୍ବବୃହତ୍ ଗହଣା ରିଟେଲ ବ୍ରାଣ୍ଡ ତନିସ୍କ ଏକ ବୃହତ୍ ଗୋଲ୍ଡ ଏକ୍ସଚେଞ୍ଜ୍ ଅଫର ଆଣିଛି । ଏହା ମାଧ୍ୟମରେ ଗ୍ରାହକ ପୁରୁଣା ସୁନା ବଦଳ ଉପରେ ୨ କ୍ୟାରେଟ୍ ପର୍ଯ୍ୟନ୍ତ ଅତିରିକ୍ତ ମୂଲ୍ୟ ପାଇପାରିବେ । ଏହି ଅଫର ଜୁନ୍ ୩୦ ଯାଏ ଉପଲବ୍ଧ । ଏହି ଅଫର ମାଧ୍ୟମରେ ଗ୍ରାହକ ସୁନା ଗହଣା କିଣୁଥିଲେ ପୁରୁଣା ସୁନା ମୂଲ୍ୟ ଉପରେ ଅଧିକ ୧ କ୍ୟାରେଟ୍ ପାଇବେ । ସେହିଭଳି ହୀରା ଗହଣା କିଣୁଥିଲେ ପୁରୁଣା ସୁନା ମୂଲ୍ୟ ଉପରେ ପାଇବେ ଅତିରିକ୍ତ ୨ କ୍ୟାରେଟ୍ । ଜଣେ ଗ୍ରାହକ ନୂଆ ପ୍ଲେନ୍ ସୁନା ଗହଣା କିଣୁଥିଲେ ୨୦ କ୍ୟାରେଟ୍‌ର ପୁରୁଣା ସୁନା ବଦଳରେ ପାଇବେ ୨୧ କ୍ୟାରେଟ୍ । ନୂଆ ହୀରାଖଚିତ ଗହଣା କିଣୁଥିଲେ ୨୦ କ୍ୟାରେଟ୍ ପୁରୁଣା ସୁନା ପାଇଁ ୨୨ କ୍ୟାରେଟ୍ ପାଇବେ । ଅନ୍ୟ ଗହଣା ଦୋକାନରୁ କିଣାଯାଇଥିବା ପୁରୁଣା ସୁନା ଉପରେ ହିଁ ଏହି ଅଫର ଦିଆଯାଉଛି । ଏଥିସହିତ ଆଧୁନିକ ତଥା ଅତି ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ତନିସ୍କ ଗହଣାକୁ ଅପ୍‌ଗ୍ରେଡ୍ ହେଉଥିବା ଗ୍ରାହକଙ୍କୁ ତନିସ୍କ ଅଧିକ ମୂଲ୍ୟ ପ୍ରଦାନ କରୁଛି । ଏହି ସୁନା ବଦଳ ନୀତି ପୁରୁଣା ଗହଣା ବଦଳାଇ ତନିସ୍କର ଷ୍ଟାଇଲିସ ଗହଣାକୁ ଅପଗ୍ରେଡ ହୋଇଥିବା ୩୦ ଲକ୍ଷ ଗ୍ରାହକଙ୍କ ପାଇଁ ଏକ ଭରସାଯୋଗ୍ୟ ସମାଧାନ ପାଲଟିଛି । ସମ୍ପୂର୍ଣ ପ୍ରକ୍ରିୟା ଅତ୍ୟନ୍ତ ସ୍ୱଚ୍ଛ ଭାବେ କରାଯାଇଥାଏ । ସୁନାର ଶୁଦ୍ଧତା ମାପିବା ପାଇଁ କ୍ୟାରେଟ୍‌ମିଟରର ବ୍ୟବହାର ହୋଇଥାଏ । ଗ୍ରାହକ ସେମାନଙ୍କ ପୁରୁଣା ସୁନା ବଦଳାଇ ଯେପରି ସର୍ବୋତ୍ତମ ମୂଲ୍ୟ ପାଇବେ ତାହାକୁ ବ୍ରାଣ୍ଡ ପକ୍ଷରୁ ସୁନିଶ୍ଚିତ କରାଯାଇଥାଏ । ସୁନା ଦର ଅସ୍ଥିର ଥିବାବେଳେ ତନିଷ୍କ ଗ୍ରାହକଙ୍କୁ ଉଚିତ ମୂଲ୍ୟରେ ସୁନାଗହଣାର ବ୍ୟାପକ ସମ୍ଭାର ପ୍ରଦାନ କରୁଛି । ତେଣୁ ଲୋକେ ଏହାକୁ ବହୁତ ପସନ୍ଦ କରୁଛନ୍ତି । ବିବାହ ପାଇଁ ସୁନା କିଣିବାକୁ ଚାହୁଁଥିବା ଗ୍ରାହକଙ୍କ ନିମନ୍ତେ ଏହି ଅଫର୍ ବେଶ୍ ଲାଭଜନକ । ଗ୍ରାହକ ପୁରୁଣା ସୁନା ବଦଳାଇ ପସନ୍ଦ ମୁତାବକ ନୂଆ ସୁନାଗହଣା ନେଇପାରିବେ । ଏହି ଅଫର ତନିସ୍କର ସବୁ ଷ୍ଟୋରରେ ଉପଲବ୍ଧ ।

## ତନେଇରା ଶାଢ଼ି ଉପରେ ୪୦% ରିହାତି



ଭୁବନେଶ୍ୱର, ୧୧।୬ (ସମିସ): ଟାଟା ପ୍ରଡକ୍ଟ ତନେଇରା ୨୦୨୪-୨୫ରେ ୩୦% ଅଭିବୃଦ୍ଧି ହାସଲ କରିଛି । ଏହି ଧାରା ଅବ୍ୟାହତ ରହିବ ବୋଲି ତନେଇରା ଆଶାବାଦୀ ରହିଛି । ଏହି କ୍ରମରେ ବ୍ରାଣ୍ଡ ପକ୍ଷରୁ ଦେଶବ୍ୟାପୀ ପ୍ରଥମ ଧରଣ ସେଲ୍ ଘୋଷଣା କରାଯାଇଛି । ଏହା ମାଧ୍ୟମରେ ଗ୍ରାହକ ଶାଢ଼ି, ରେଡି-ଟୁ-ୱେର୍ ପୋଷାକ, ଅନ୍-ଷ୍ଟିଚ୍‌ଡ କୁର୍ତ୍ତା ସେଟ୍ ଏବଂ ଫେଷ୍ଟିଭ୍ ଲେହେଙ୍ଗା ଆଦି ବ୍ୟାପକ ଉତ୍ପାଦ ଉପରେ ୪୦% ପର୍ଯ୍ୟନ୍ତ ରିହାତି ପାଇବେ । ଏ ସବୁ ପୋଷାକ ଶୁଦ୍ଧ ଏବଂ ପ୍ରାକୃତିକ ସୂତାରେ ତିଆରି ।

୪୧ ସହରରେ ୮୦ ଷ୍ଟୋରର ମଜଭୂତ ନେଟୱର୍କ ସହିତ ତନେଇରା ଏଥେନିକ୍ ୱେର୍ ଡେଷ୍ଟିନେଶନ୍ ଭାବେ ଏହାର ସ୍ଥିତିକୁ ଆହୁରି ମଜଭୁତ କରିଛି । ପାର୍ବଣ ଋତୁ ସହିତ ଏହି ସେଲ୍ ମାଧ୍ୟମରେ ତନେଇରା ଏହାର ଗ୍ରାହକଙ୍କୁ ବ୍ୟାପକ ରେଞ୍ଜ୍ ଶୁଦ୍ଧ ଏବଂ ଅଥେଣ୍ଟିକ୍ ପ୍ରଡକ୍ଟ ଏକତ୍ର କରିବାର ସୁଯୋଗ ପ୍ରଦାନ କରୁଛି । ଏ ପରିପ୍ରେକ୍ଷୀରେ ତନେଇରାର ବିଜ୍‌ନେସ୍ ଆସୋସିଏଟ୍ ମାଣିକ ହଂସ କହିଛନ୍ତି ଯେ ପ୍ରଥମ ଥର ପାଇଁ ଆମେ ବହୁ ଉତ୍ପାଦ ଉପରେ ୪୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଛୁ । ଏହି ଅଫର୍ ତନେଇରାର ସମୃଦ୍ଧି ଏବଂ ଶୁଦ୍ଧତାକୁ ଅନୁଭବ କରିବା ପାଇଁ ସୁଯୋଗ ଦେଉଛି । ଗ୍ରାହକଙ୍କ ଅନୁଭୂତିକୁ ସ୍ୱତନ୍ତ୍ର କରିବାକୁ ଲକ୍ଷ୍ୟ ରଖିଛି ।ବନାରସୀଠାରୁ ଆରମ୍ଭ କରି କାଞ୍ଜିବରମ, ଜାମଦାନୀଠାରୁ ଟସର ପର୍ଯ୍ୟନ୍ତ, ବ୍ରାଣ୍ଡ ପକ୍ଷରୁ ଉପଲବ୍ଧ କରାଯାଉଥିବା ଉତ୍ପାଦ ବୁଣାକାରଙ୍କୁ ଏକ ସମ୍ମାନ । ପ୍ରତ୍ୟେକ ତନେଇରା ଷ୍ଟୋରକୁ ଶାଢ଼ୀ ପ୍ରେମୀଙ୍କ ପାଇଁ ଏକ ସ୍ୱର୍ଗ ଭାବେ ଡିଜାଇନ କରାଯାଇଛି । ଗୋଟିଏ ଛାତ ତଳେ ୱେଡିଂ ଜୋନ୍, ଫେଷ୍ଟିଭ୍ ଏଡିଟ୍ କର୍ଣ୍ଣର ଏବଂ ନିତିଦିନିଆ ଉତ୍ପାଦ ରହିଛି । ଗ୍ରାହକ ମଧ୍ୟ ଶୁଦ୍ଧ ସିଲ୍କ, କଟନ୍ ଇକତ୍, କୋଟା ଦୋରିଆ, ଚନ୍ଦେରି ଏବଂ ମାହେଶ୍ୱରୀ, ସଉଥ୍ ସିଲ୍କ, ସମ୍ବଲପୁରୀ ଏବଂ ଭେଗାନ୍ କଲେକ୍ସନର ଆକର୍ଷଣୀୟ ସମ୍ଭାର ପାଇବେ । ମାନଯୁକ୍ତ ଉତ୍ପାଦ ପ୍ରତି ପ୍ରତିବଦ୍ଧ ତନେଇରା ଶୁଦ୍ଧ ଜରି କାଞ୍ଜିବରମ୍ ପାଇଁ ପ୍ରମାଣପତ୍ର ପ୍ରଦାନ କରୁଛି । ଗ୍ରାହକ ଏ ଅଫର୍‌କୁ ଭୁବନେଶ୍ୱରର ମାଷ୍ଟର୍‌କ୍ୟାଣ୍ଟିନ୍ ଏବଂ କଟକ ସିଡିଏ ଷ୍ଟୋରରେ ପାଇପାରିବେ ।

